ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ
ସମ୍ପାଦକୀୟ
ଭୁବନେଶ୍ୱର, ୨୦୨୫, ସେପ୍ଟେମ୍ବର ୧୩

# ଅଧିକ ଏକ୍ସରସାଇଜରୁ ଛାତି ଯନ୍ତ୍ରଣା


ଡାକ୍ତର ଚନ୍ଦ୍ରକାନ୍ତ ମିଶ୍ର

ଆଜିକାଲି ପିଲାଙ୍କ ଠାରୁ ବୟସ୍କ ଅନେକ ନିଜ ଶାରୀରିକ ସାମର୍ଥ୍ୟ ବଢ଼ାଇବା ପାଇଁ ପ୍ରାୟତଃ ଏକ୍ସରସାଇଜ କରିଥାନ୍ତି । ଆମ ଓଡ଼ିଆରେ ଏକ ଲୋକପ୍ରିୟ କଥାଟି ଅଛି - 'ଜଳ ବହୁଳେ ସୃଷ୍ଟିନାଶ, ଜଳ ବିହୁନେ ସୃଷ୍ଟି ନାଶ' । ଅର୍ଥାତ୍ ଶାରୀରିକ ସାମର୍ଥ୍ୟ ପାଇଁ ଯେତିକି ଆମ ପାଇଁ ଏକ୍ସଇସାଇଜ ବା ବ୍ୟାୟାମ ଦରକାର ସେତିକି ଆମେମାନେ କରିବା ଆବଶ୍ୟକ । ଅନାବଶ୍ୟକ ଭାବେ ଶକ୍ତି କ୍ଷୟ କରି ଏକ୍ସରସାଇଜ କରିବା ଦ୍ୱାରା ଅନେକ ଅନାବଶ୍ୟକ ଓ ଶରୀର ପାଇଁ କ୍ଷତିକାରୀ ସମସ୍ୟା ସୃଷ୍ଟି ହୋଇଥାଏ । ଚିକିତ୍ସା ବିଜ୍ଞାନ ହୃଦୟ ମାଂସପେଶୀରେ ରକ୍ତ ସଂଚାଳନ କମ ହେଲେ ଆଞ୍ଜାଇନା ହୁଏ । ଏହା ରକ୍ତ ଶରୀରରେ ଅମ୍ଳଜାନ ବହନ କରିବାର କାର୍ଯ୍ୟ କରିଥାଏ । ହୃଦ ମାଂସପେଶୀ ମଧ୍ୟ ଅମ୍ଳଜାନ ଆବଶ୍ୟକତା କରେ । ଯେତେବେଳେ ହୃଦ୍ ମାଂସପେଶୀ ଯଥେଷ୍ଟ ଅମ୍ଳଜାନ ପାଏ ନାହିଁ, ଏହା ଇସକେମିଆ ନାମକ ଏକ ଅବସ୍ଥା ସୃଷ୍ଟି କରେ । ଏହି ଅବସ୍ଥାରେ ଆଞ୍ଜାଇନା ସମସ୍ୟା ସୃଷ୍ଟି ହୁଏ । ଅନେକ ହୁଏତ ଜାଣିନଥାନ୍ତି ଆଞ୍ଜାଇନାରେ ଛାତି ଯନ୍ତ୍ରଣା ଏକ ମୁଖ୍ୟ ସମସ୍ୟା । ଏହା ବ୍ୟତୀତ ବେକ ଓ କାନ୍ଧ ଯନ୍ତ୍ରଣା, ପେଟ ଜ୍ୱଳନ, ଝାଳ ବାହାରିବା, ଅସ୍ତବ୍ୟସ୍ତ ଲାଗିବା ମୁଣ୍ଡ ବୁଲାଇବା, ଦେହ ଖରିବା, ନିଶ୍ୱାସ ନେବାରେ କଷ୍ଟ ଅନୁଭବ କରିବା, ମୁଖରେ ଦରଜ ଅନୁଭବ ହେବା ଓ ପିଠିରେ ଯନ୍ତ୍ରଣା ହୋଇଥାଏ । ଅତ୍ୟଧିକ ଏକ୍ସରସାଇଜ ଏହାର ମୁଖ୍ୟ କାରଣ ହୋଇଥାଏ । ଏହା ବ୍ୟତୀତ ଅଧିକ ସମୟ ଥଣ୍ଡା ସ୍ଥାନରେ ରହିଲେ, ତମାଖୁ ସେବନ କଲେ, ମଧୁମେହ ଥିଲେ, ଉଚ୍ଚରକ୍ତଚାପ, ହାଇ କୋଲେଷ୍ଟ୍ରୋଲ ଥିଲେ ଏବଂ ଇମୋସନ ଷ୍ଟ୍ରେସରେ ରହିଲେ ଆଞ୍ଜାଇନା ସମସ୍ୟା କ୍ଷଣସ୍ଥାୟୀ । ବିଶ୍ରାମ ନେଲେ ସମସ୍ୟା ଦୂର ହୋଇଯାଏ । ଯନ୍ତ୍ରଣାର ସମୟକୁ ଦୃଷ୍ଟିରେ ରଖି ଆଞ୍ଜାଇନାକୁ ୩ ଭାଗରେ ବିଭକ୍ତ କରାଯାଇଛି । ସେଗୁଡ଼ିକ ହେଲା ଷ୍ଟେବଲ ଆଞ୍ଜାଇନା, ଅନଷ୍ଟେବଲ ଆଞ୍ଜାଇନା ଏବଂ ଭାରିଆଂଟ ଆଞ୍ଜାଇନା । ଗୋଟିଏ ଛୋଟିଆ ପରାମର୍ଶକୁ ଗ୍ରହଣ କରନ୍ତୁ । ଅଳ୍ପ ସମୟ ବିଶ୍ରାମ ନେଲେ ଷ୍ଟେବଲ ଆଞ୍ଜାଇନା ସମସ୍ୟା ଦୂର ହେଉଥିଲାବେଳେ, ଅନଷ୍ଟେବଲ ଆଞ୍ଜାଇନାରେ ୨୦ରୁ ୪୦ ମିନିଟ ପର୍ଯ୍ୟନ୍ତ ବିଶ୍ରାମ ନେବାକୁ ପଡ଼ିଥାଏ । କେତେକ କ୍ଷେତ୍ରରେ ଏହି ସମସ୍ୟା ଭଲ ହେବାରେ ଦୁଇଦିନ ସମୟ ଲାଗିଯାଏ । ଏହି ଅବସ୍ଥାକୁ ଭାରିଆଂଟ ଆଞ୍ଜାଇନା କୁହନ୍ତି । ଭାରିଆଂଟ ଆଞ୍ଜାଇନାର ସମସ୍ୟା କଷ୍ଟକର ହୋଇଥାଏ । ଏଥିରେ ଅସହ୍ୟ ଛାତି ଯନ୍ତ୍ରଣା ସହ ଅନ୍ୟାନ୍ୟ ଶାରିରିକ ସମସ୍ୟା ଦେଖାଯାଏ । ଉପଶମ ଲାଗି ଡାକ୍ତରଙ୍କ ପରାମର୍ଶ କ୍ରମେ ଔଷଧ ସେବନ ସହ ବହୁ ଦିନ ପର୍ଯ୍ୟନ୍ତ ବିଶ୍ରାମ ନେବାକୁ ହୋଇଥାଏ । ଅତ୍ୟଧିକ ବ୍ୟାୟାମ କରନ୍ତୁ ନାହିଁ । ନିୟମିତ ବ୍ୟବଧାନରେ ହୃଦରୋଗ ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ । ସୁଷମ ଖାଦ୍ୟ ଓ ଯଥାସମ୍ଭବ ନିରାମିଷ ଖାଦ୍ୟ ଭଲ । ସବୁଜ ପନିପରିବା ଓ ତଟକା ଫଳ ଖୁବ ଭଲ । ନିର୍ଦ୍ଧାରିତ ସମୟରେ ଖାଇବା ଓ ଶୋଇବା ଗ୍ରହଣ କରନ୍ତୁ । କୌଣସି ପରିସ୍ଥିତିରେ ଦେଶୀୟ ଚିକିତ୍ସାକୁ ଗ୍ରହଣ କରନ୍ତୁ ନାହିଁ । ସଦାସର୍ବଦା ନିକଟସ୍ଥ ସରକାରୀ ଡାକ୍ତରଖାନାର ସୁଯୋଗ ନିଅନ୍ତୁ । ବ୍ୟାୟାମ କରୁଥିଲେ ଅଭିଜ୍ଞ ଓ ପ୍ରଶିକ୍ଷିତ ଟ୍ରେନରଙ୍କ ଠାରୁ ଶିକ୍ଷା ଗ୍ରହଣ କରନ୍ତୁ । ଅଧିକ ଏକ୍ସରସାଇଜ କେବଳ ହୃଦରୋଗ ନୁହେଁ ହୃଦରୋଗ ସମ୍ପର୍କିତ ଅନେକ ରୋଗ ପାଇଁ କାରଣ ସାଜିଥାଏ । ତେଣୁ ଏ କ୍ଷେତ୍ରରେ ନିଜେ ନିଜ ହୃଦୟକୁ ସୁରକ୍ଷିତ ରଖି ଆପଣ ଯେ ଆପଣଙ୍କ ହୃଦୟକୁ ଭଲ ପାଆନ୍ତି ତାହା ପ୍ରମାଣିତ କରନ୍ତୁ ।

ପ୍ରଫେସର, ହୃଦ୍‌ରୋଗ ବିଭାଗ,
ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ,
କଟକ

# ପାଦରୁ ଜାଣନ୍ତୁ ସ୍ୱାସ୍ଥ୍ୟ


ଡାକ୍ତର ଗୁରୁପଦ ମିଶ୍ର

ଆପଣଙ୍କ ଶରୀର ଗଠନରେ ପାଦର ସ୍ୱତନ୍ତ୍ର ଗୁରୁତ୍ୱ ରହିଛି । ଏମିତିରେ କହିବାକୁଗଲେ ଆମ ଓଡ଼ିଆରେ ଏକ ପ୍ରାଚୀନ ଲୋକ କଥା ଅଛି ତାହା ହେଉଛି - 'ଜଣଙ୍କ ପାଦରୁ ତାଙ୍କ ବ୍ୟକ୍ତିତ୍ୱ ଓ ପରିଚୟ ଜାଣିହୁଏ' । ଆମ୍ଭ ମାନଙ୍କ ଭିତରୁ ଅନେକ ପାଦର ସ୍ୱାସ୍ଥ୍ୟ ସମ୍ପର୍କରେ ଜାଣି ନଥାନ୍ତି, ସେ ସମ୍ପର୍କରେ ଏକ ଛୋଟିଆ ଆଲୋଚନା । ଯଦି ଆପଣଙ୍କ ପାଦର ବୁଢ଼ା ଅଙ୍ଗୁଳି ସବୁବେଳେ ଥଣ୍ଡା ରହୁଥାଏ, ଏହାର ଏକ କାରଣ ହୋଇପାରେ ଖରାପ ରକ୍ତ ସଂଚାଳନ । ଧୂମପାନ, ଉଚ୍ଚରକ୍ତଚାପ, ହୃଦ୍ ସମ୍ବନ୍ଧୀୟ ରୋଗ ଯୋଗୁ ବି ଏହା ହୋଇପାରେ । ମଧୁମେହ ନିୟନ୍ତ୍ରଣ ବାହାରକୁ ଚାଲିଗଲେ ପାଦର ସ୍ନାୟୁ ଖରାପ ହୋଇଯାଏ । ହାଇପୋଥାଇରଏଡିଜମ୍ ଏବଂ ଏନିମିଆ ମଧ୍ୟ ଏହାର କାରଣ । ତେବେ ପାଦ ଥଣ୍ଡା ହେବାର କାରଣ ଏସବୁରୁ କିଛି ନା କେବଳ କୋଲ୍ଡ଼ ଫିଟ ସମସ୍ୟା ଏହା ଡାକ୍ତର ହିଁ ଚିହ୍ନଟ କରିପାରିବେ । ସେହିପରି ଯଦି ବହୁତ ସମୟ ପର୍ଯ୍ୟନ୍ତ କାମ କରିବା ପରେ ଆପଣ ଘରେ ପହଂଚୁଛନ୍ତି ଏବଂ ପାଦରେ ଯନ୍ତ୍ରଣା ହେଉଛି, ତେବେ ଏହାକୁ ଜୋତାର ଖରାପ ଫିଟିଂ ବୋଲି ଭାବି ପାରନ୍ତି । ହେଲେ ହାଇହିଲ୍ ଯୋଗୁ ଯନ୍ତ୍ରଣା ହେଉନଥିଲେ ଏହା ଷ୍ଟ୍ରେସ୍ ଫ୍ରାକ୍‌ଚର, ହାଡ଼ରେ ହାଲ୍‌କା କ୍ରାକ୍ ବା ଫାଟ ଯୋଗୁ ବି ହୋଇପାରେ । ଯଦି ମାତ୍ରାଧିକ ଏକ୍ସରସାଇଜ କରୁଥିବେ ବା ଅଧିକ ବାସ୍କେଟବଲ, ଦୌଡ଼ିବା ପରି ପରିଶ୍ରମର ଖେଳ ଖେଳୁଥିବେ – ଏହା ମଧ୍ୟ ପାଦ ଯନ୍ତ୍ରଣାର କାରଣ ହୋଇପାରେ । ଫଳରେ ସ୍ୱାସ୍ଥ୍ୟ ସମ୍ପର୍କିତ ଏକାଧିକ ସମସ୍ୟା ଦେଖାଯାଏ । ଅନେକ କ୍ଷେତ୍ରରେ ର୍ୟୁମାଟଏଡ଼ ଆର୍ଥ୍ରାଇଟିସ୍, ଥାଇରଏଡ଼ ପରି ସମସ୍ୟା ଯୋଗୁ ବି ରେନ୍‌ଡସ ସୃଷ୍ଟି ହୋଇପାରେ । ସ୍ୱାସ୍ଥ୍ୟଗତ କ୍ଷେତ୍ରକୁ ଦେଖିଲେ ଜଣାପଡ଼େ, କ୍ଲବ୍ବିଙ୍ଗରେ ବୁଢ଼ାଆଙ୍ଗୁଳିର ଆକାର ବଦଳେ ଏବଂ ଅନେକଥର ଅଙ୍ଗୁଳି ଉପରେ ପ୍ରଭାବ ବି ପଡ଼ିଥାଏ । ନଖ ଉପର ଦିଗରେ ଅଧିକ ଗୋଲାକାର ଏବଂ ତଳପଟକୁ ମୋଡ଼ି ହୋଇଥିବା ପରି ରହେ । ଏହା ଫୁସ୍‌ଫୁସ, ହୃଦ୍ ସମ୍ବନ୍ଧୀୟ କିମ୍ବା ଯକୃତ, ପାଚନତନ୍ତ୍ର ସମସ୍ୟାର ମୁଖ୍ୟ ଲକ୍ଷଣ ହୋଇପାରେ । ବିନା ସମସ୍ୟାରେ ବି ବଂଶଗତ କାରଣରୁ ଏପରି ନଖ ଦେଖାଯାଇଥାଏ । ଆମ ମାନଙ୍କ ଭିତରୁ ଅନେକ ଅନେକଙ୍କୁ ଏହା ଅଜଣା ଯେ ଦୀର୍ଘ ସମୟ ଧରି ଛିଡ଼ା ହୋଇ ରହିବା କିମ୍ବା ଫ୍ଲାଇଟ୍‌ରେ ଦୀର୍ଘ ଯାତ୍ରା କାରଣରୁ ପାଦ ଫୁଲିଥାଏ । ବିଶେଷକରି ଗର୍ଭବତୀମାନଙ୍କ କ୍ଷେତ୍ରରେ ଏହା ଦେଖାଯାଏ । ଏହା ବ୍ୟତୀତ କିଡ଼୍‌ନୀ ସମସ୍ୟା କିମ୍ବା ଅଣ୍ଡରଆକ୍ଟିଭ ଥାଇରଏଡ୍ କାରଣରୁ ବି ପାଦଫୁଲା ହୋଇପାରେ । ବାରମ୍ବାର ଏପରି ହେଲେ ଡାକ୍ତରଙ୍କ ପରାମର୍ଶ ତୁରନ୍ତ ନିଅନ୍ତୁ । ଗୋଟିଏ ଗୁରୁତ୍ୱପୂର୍ଣ୍ଣ ସ୍ୱାସ୍ଥ୍ୟ ସୂଚନାଟି ହେଉଛି, ଡାଇବେଟିସ୍ ରୋଗୀଙ୍କ କ୍ଷେତ୍ରରେ ଫେରି ଫେରାଲ ନର୍ଭ ଡ୍ୟାମେଜ୍ ସମସ୍ୟା ହେଲେ ପାଦରେ ପୋଡ଼ାଜଳା ଏକ ସାଧାରଣ ଲକ୍ଷଣ । ନଚେତ୍ ଭିଟାମିନ ବି ଅଭାବ, ଆଥଲେଟିକ୍ ଫୁଟ୍‌ସ, କ୍ରନିକ କିଡ଼ନୀ ରୋଗ, ପାଦ ତଥା ତଳିପାଦରେ ରକ୍ତସଂଚାଳନରେ ସମସ୍ୟା ମଧ୍ୟ ଏହାର କାରଣ ହୋଇପାରେ । ଅନେକ ଏହାକୁ ହାଲକା ଭାବେ ଗ୍ରହଣ କରନ୍ତି କିନ୍ତୁ ଅସଲ କଥାଟି ହେଉଛି ପାଦର ବୁଢ଼ା ଆଙ୍ଗୁଳି ଗଣ୍ଠିରେ ହଠାତ୍ ହୋଇଥିବା ଯନ୍ତ୍ରଣା ଗାଉଟ୍‌ର କାରଣ ହୋଇପାରେ । ଯନ୍ତ୍ରଣା ସହିତ ଲାଲ୍ ପଡ଼ିବା ଏବଂ ଫୁଲା ବି ହୋଇଥାଏ । ଅଷ୍ଟିଓଆର୍ଥ୍ରାଇଟିସ୍ ଏପରି ସମସ୍ୟାର ମୂଳ ହୋଇପାରେ । ସେହିପରି ଆମ ମାନଙ୍କ ଭିତରୁ ଅଧିକାଂଶ ଗୋଟିଏ ଶାରୀରିକ ସମସ୍ୟା ସାମ୍ନା କରିଥାନ୍ତି ତାହା ହେଉଛି, ଅନେକ କ୍ଷେତ୍ରରେ ଆଘାତ ଲାଗିବା କିମ୍ବା ପେଟ୍ରୋଲିୟମ ଆଧାରିତ ଉତ୍ପାଦର ଅଧିକ ସଂସ୍ପର୍ଶରେ ଆସିବା ପରେ ନଖର ଆକାର ଚାମଚ ପରି ହୋଇଯାଏ । ଆଇରନ୍ ଅଭାବ ବି ଏପରି ଆକାରର କାରଣ ହୋଇପାରେ । ଆପଣଙ୍କର ଭଲ ଭାବେ ମନେରଖିବା ଉଚିତ ଯେ ଆମ ଶରୀରର ସମ୍ପୂର୍ଣ୍ଣ ଧାରଣ ଓ ଗଠନ କ୍ଷମତା ସହିତ ପାଦର ଗୁରୁତ୍ୱପୂର୍ଣ୍ଣ ସମ୍ପର୍କ ରହିଛି ତେଣୁ ପାଦକୁ ଅବହେଳା କଲେ ଏବଂ ପାଦର ସମସ୍ୟାକୁ ଅଣଦେଖାକଲେ ଅନେକଙ୍କ କ୍ଷେତ୍ରରେ ପରବର୍ତ୍ତୀ ସମୟରେ ଏହା ଜଟିଳ ସମସ୍ୟା ସୃଷ୍ଟି କରିଥାଏ ।

*ଭେଷଜ ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ*

# ନେପାଳରେ ଜେନ୍ ଜେଡ୍ ଭୂକମ୍ପ


ସୌଭାଗ୍ୟ ରଂଜନ ମହାନ୍ତି(ରାଜା)

ହିମାଳୟନ ରାଷ୍ଟ୍ର ନେପାଳରେ ଜେନ୍ ଜେଡ୍ ଅର୍ଥାତ ୧୯୯୭ ରୁ ୨୦୧୨ ମଧ୍ୟରେ ଜନ୍ମିତ ଯୁବଗୋଷ୍ଠୀଙ୍କ ଭୂକମ୍ପରେ (ଉଗ୍ର ବିଦ୍ରୋହ) ରେ କେବଳ ଦେଶର ଶାସନତନ୍ତ୍ର ଦୋହଲି ଯାଇନାହିଁ, ପୁଣି ଥରେ ଅସ୍ଥିରତା ମଧ୍ୟକୁ ଠେଲି ହୋଇଯାଇଛି । ଅବଶ୍ୟ ନେପାଳରେ ରାଜନୈତିକ ଅସ୍ଥିରତା ନୂଆ ନୁହେଁ, କିମ୍ବା ଅଜଣା ନୁହେଁ । ୨୦୦୮ରେ ନେପାଳରେ ରାଜତନ୍ତ୍ରର ବିଲୋପ ପରେ ସଂସଦୀୟ ଗଣତାନ୍ତ୍ରୀକ ଶାସନ ପ୍ରତିଷ୍ଠା ହୋଇଥିଲା । ଇତିମଧ୍ୟରେ ସଂସଦୀୟ ଗଣତନ୍ତ୍ରକୁ ୧୭ବର୍ଷ ପୁରିଯାଇଥିବାବେଳେ ୧୪ଟି ସରକାରର ପତନ ଘଟିବା ସହ ରାଜନୈତିକ ଅସ୍ଥିରତା ସୃଷ୍ଟି ହୋଇଥିଲା । କୌଣସି ସରକାର ନିଜର ୫ବର୍ଷିଆ ପୁରାକାଳ କ୍ଷମତାରେ ରହିପାରିନାହିଁ । ସେହିପରି ଦେଶରେ ୨୦୦୮ରେ ରାଜତନ୍ତ୍ର ଶାସନର ବିଲୋପ ହେବା ପୂର୍ବରୁ ଦୀର୍ଘ ବର୍ଷ ବର୍ଷ ଧରି ଦଶନ୍ଧି ବ୍ୟାପୀ ଗୃହଯୁଦ୍ଧ ଲାଗି ରହିଥିଲା । ପଡୋଶୀ ଭାରତର ଗୁରୁତ୍ୱପୂର୍ଣ୍ଣ ସହଯୋଗରେ ଶେଷରେ ଗଣତାନ୍ତ୍ରୀକ ଶାସନ ପ୍ରତିଷ୍ଠା ହୋଇଥିଲା । ଏବେ ଫେସବୁକ, ହ୍ୱାଟସ୍‌ଆପ୍, ଇନ୍‌ଷ୍ଟାଗ୍ରାମ, ଏକ୍ସ ଏବଂ ୟୁଟ୍ୟୁବ ଆଦି ୨୬ଟି ସାମାଜିକ ଗଣମାଧ୍ୟମକୁ ନେପାଳ ସରକାର ନିଷିଦ୍ଧ କରିବା ପରେ ଗତ ଶନିବାର ଦିନ ଜେନ୍ ଜେଡ୍(ଯୁବଗୋଷ୍ଠୀ)ଙ୍କ ମଧ୍ୟରେ ଏହା ବିସ୍ଫୋରକ ରୂପ ନେଇଥିଲା । ତେବେ ସରକାର ସୁରକ୍ଷା କର୍ମୀ ଓ ପୋଲିସ ସହାୟତାରେ ଆନ୍ଦୋଳନକୁ ଅତି ନିର୍ମମ ଭାବେ ଦମନ କରିବାକୁ ଚେଷ୍ଟା କରିଥିଲେ । ପରିଣତି ସ୍ୱରୁପ ୧୯ଜଣ ଆନ୍ଦୋଳନକାରୀଙ୍କ ମୃତ୍ୟୁ ଘଟିବା ସହ ୩୦୦ରୁ ଉର୍ଦ୍ଧ୍ୱ ଆହତ ହୋଇଥିଲେ । ସରକାର ମଧ୍ୟ ସେହିଦିନ ସାମାଜିକ ଗଣମାଧ୍ୟମ ଉପରେ ଜାରି କରିଥିବା କଟକଣାକୁ ପ୍ରତ୍ୟାହାର କରିନେଇଥିଲେ । କିନ୍ତୁ ଆନ୍ଦୋଳନ ଥମିବା ପରିବର୍ତ୍ତେ ଏପରି ଉଗ୍ରରୂପ ନେଇଥିଲା ଯେ, ପ୍ରଧାନମନ୍ତ୍ରୀ, ରାଷ୍ଟ୍ରପତି ସେହିଦିନ ହିଁ ଇସ୍ତଫା ଦେଇଥିଲେ । ଆନ୍ଦୋଳନକାରୀମାନେ ପାର୍ଲିଆମେଂଟ ଭବନ, ରାଷ୍ଟ୍ରପତି ଭବନ, ପ୍ରଧାନମନ୍ତ୍ରୀଙ୍କ ବାସଭବନ ସମେତ ବହୁ ସରକାରୀ, ବେସରକାରୀ କୋଠାରେ ନିଆଁ ଲଗାଇ ଦେଇଥିଲେ । ଏପରିକି ଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ଗଥ ତଥା ଶେର ବାହାଦୂର ଦେଉବା, ପ୍ରଚଣ୍ଡ, ମାଧବ ନେପାଳ, ବାବୁରାମ ଭଟ୍ଟରାୟ ଏବଂ ଖିଲ ରାଜ ରେଗମୀ ମଧ୍ୟ ବିକ୍ଷୋଭକାରୀଙ୍କ କ୍ରୋଧାଗ୍ନିରୁ ବର୍ତ୍ତି ପାରିନଥିଲେ । ଆନ୍ଦୋଳନକାରୀମାନେ ପୂର୍ବତନ ପ୍ରଧାନମନ୍ତ୍ରୀ ରେଗମୀଙ୍କ ପତ୍ନୀଙ୍କୁ ଜୀଅନ୍ତା ଜାଳି ଦେଇଥିଲେ । ବହୁମନ୍ତ୍ରୀ, ସଚିବଙ୍କୁ ରାସ୍ତାରେ ଗୋଡାଇ ଗୋଡାଇ ପିଟିଥିଲେ । ଏଥିରେ ଦ୍ୱିରୁକ୍ତି ନାହିଁ ଯେ, ଗତ ୧୭ବର୍ଷର ଗଣତାନ୍ତ୍ରୀକ ଶାସନ କାଳରେ ଦେଶରେ ଦୁର୍ନୀତି, ଭ୍ରଷ୍ଟାଚାର, ନିଯୁକ୍ତିରେ ପ୍ରିୟାପ୍ରୀତି, ଦାରିଦ୍ର୍ୟ ବେକାରୀ, ଦରଦାମ ବୃଦ୍ଧି, ପ୍ରଶାସନିକ ସ୍ଥାଣୁତା ନେପାଳକୁ ନର୍କ ମଧ୍ୟରୁ ଠେଲି ଦେଇଛି । ଦେଶରେ ବେକାରୀ, ବେରୋଜଗାରୀ ଏବେ ଏତେ ମାତ୍ରାରେ ବୃଦ୍ଧି ପାଇଛି ଯେ, ୮୨ପ୍ରତିଶତ ଯୁବଗୋଷ୍ଠୀ ସ୍ୱଳ୍ପ ବେତନ, ମଜୁରୀରେ ଅଣ ସଂଗଠିତ, ଶ୍ରମିକ ଭାବେ କାର୍ଯ୍ୟ କରୁଥିବା ବିଶ୍ୱବ୍ୟାଙ୍କ ରିପୋର୍ଟ କହେ । କେବଳ ଏତିକି ନୁହେଁ, ଯାହାକି ଆନ୍ତର୍ଜାତିକ ଓ ଆଂଚଳିକ ମଜୁରୀ ହାର ଠାରୁ ଅତ୍ୟନ୍ତ ସ୍ୱଳ୍ପ ବୋଲି କୁହାଯାଇଛି । ସେହିପରି ବୟସ୍କଙ୍କ ମଧ୍ୟରେ କ୍ଷମତାବଂଟନ, ଦଳ, ମେଂଟ ବଦଳାଇ କ୍ଷମତା ଭୋଗ ପାଇଁ ଯାହାକୁ କି ରାଜନୀତିର କାଟେଲାଇଜେସନ ବା ରାଜନୀତିକୁ ନିୟନ୍ତ୍ରଣ ପାଇଁ ମିଳିମିଶି ଚକ୍ରାନ୍ତ କରିବା ବଢିଚାଲିଥିଲା । କହିବା ବାହୁଲ୍ୟ ଯେ, ନେପାଳ ସରକାରରେ କୌଣସି ମନ୍ତ୍ରୀ ୬୦ବର୍ଷରୁ କମ୍ ନୁହଁନ୍ତି । ବିଦାୟୀ ପୂର୍ବତନ ପ୍ରଧାନମନ୍ତ୍ରୀ କେ.ପି.ଓଲି ନିଜର ରାଜନୀତିକ ସ୍ଥିତି ସୁଦୃଢ଼ କରିବା ଲାଗି ବ୍ୟସ୍ତ ରହିଥିବାବେଳେ ଲୋକଙ୍କ ସୁଖ ସ୍ୱାଚ୍ଛନ୍ଦ୍ୟ ପ୍ରତି ଆଖିବୁଜି ଦେଇଥିବା କୁହାଯାଏ । ଦେଶରେ ଦୁର୍ନୀତି, ପ୍ରିୟାପ୍ରୀତି ତୋଷଣ, ଦାରିଦ୍ର୍ୟ, ବେକାରୀ ଦରଦମା ହୁ ହୁ ହୋଇ ବଢି ଚାଲିଥିଲା । ଏଥିପ୍ରତି ଓଲି ସରକାର ସମ୍ପୂର୍ଣ୍ଣ ଉଦାସୀନ ଥିଲେ । ଅନ୍ୟପକ୍ଷରେ ରାଜନୈତିକ ନେତା, ମନ୍ତ୍ରୀ ଏବଂ ସେମାନଙ୍କର ପରିବାର ସଦସ୍ୟଙ୍କ ରାଜକୀୟ ଚାଲିଚଳଣ ଯୁବଗୋଷ୍ଠୀଙ୍କ ପାଇଁ ଅସହ୍ୟ ଥିଲା । ଏହା ନିଶ୍ଚିତ ଯେ, ସାମାଜିକ ଗଣମାଧ୍ୟମ, ଯାହା ଉପରେ ଯୁବଗୋଷ୍ଠୀ ଶିକ୍ଷା ଓ ନିଯୁକ୍ତି ଉପରେ ନିର୍ଭରଶୀଳ, ତା ଉପରେ କଟକଣାରୁ ଜାତି ଅସନ୍ତୋଷ ଶେଷରେ କ୍ରୋଧାଗ୍ନିରେ ପରିଣତ ହୋଇ ବିସ୍ଫୋରଣ ରୂପ ନେଇଥିଲା । ଏହା ନିନ୍ଦେହ ଯେ, ଯେତେବେଳେ ପେଟ ପୋଡିଯାଏ, ଯନ୍ତ୍ରଣା ଅସହ୍ୟ ହୁଏ, ସେତେବେଳେ ବିସ୍ଫୋରଣ ହୋଇଥାଏ । ନେପାଳର ଜେନ ଜେଡଙ୍କ କ୍ଷେତ୍ରରେ ତାହା ହିଁ ଘଟିଛି । ଯୁବଗୋଷ୍ଠୀର କ୍ରୋଧାଗ୍ନିରୁ ଶାସନର ପରିବର୍ତ୍ତନ ଘଟିଛି । ତେବେ ପ୍ରଶ୍ନ ଉଠୁଛି, ସାର୍କ ସଦସ୍ୟ ରାଷ୍ଟ୍ର ଶ୍ରୀଲଙ୍କା ଏବଂ ବଙ୍ଗଳା ଦେଶ ଘଟଣାବଳୀରୁ ନେପାଳ ସରକାର କିଛି ଶିକ୍ଷା କରିପାରିଲେ ନାହିଁ କିପରି ? ଯୁବ ଗୋଷ୍ଠୀର କ୍ରୋଧାଗ୍ନି ତଥା ସଂରକ୍ଷଣ ବିରୋଧି ଆନ୍ଦୋଳନରୁ ଗତ ବର୍ଷ ବଙ୍ଗଳା ଦେଶରେ ଶେଖ ହାସିନାଙ୍କ ୧୫ବର୍ଷର ଶାସନର ଅନ୍ତ ଘଟିବା ସହ ସେ ଏବେ ଭାରତରେ ଆଶ୍ରୟ ନେଇଛନ୍ତି । ସେହିପରି ୨୦୨୨ରେ ଦୁର୍ନୀତି. ଅର୍ଥନୀତିର ଅପବ୍ୟହାର, ଦରଦାମ ବୃଦ୍ଧି, ଖାଦ୍ୟ ଓ ଇନ୍ଧନର ଅଭାବରୁ ସୃଷ୍ଟି ଯୁବଗୋଷ୍ଠୀଙ୍କ ବିଦ୍ରୋହରେ ରାଜପାକ୍‌ସେ ଭ୍ରାତାଦ୍ୱୟ ଦେଶଛାଡି ପଳାୟନ କରିଥିଲେ । ଏହା ନିଶ୍ଚିତ ଯେ, ଜନସାଧାରଣଙ୍କ ଧୈର୍ଯ୍ୟ ସୀମିତ ବୋଲି ଏହି ତିନି ରାଷ୍ଟ୍ରର ଘଟଣାବଳୀ ସନ୍ଦେଶ ଦିଏ । ଯେତେବେଳେ ଯୁବଗୋଷ୍ଠୀ ଶାସକଙ୍କ ପ୍ରତି ହରାନ୍ତି, ସେତେବେଳେ ଶାସକ ସେମାନଙ୍କୁ ଭୟ କରେ ।

ସମ୍ମାନ ଭବନ,
ପ୍ଲଟ ନଂ-୫୮/୩୫୮୧,
ଗାଙ୍ଗୋତ୍ରୀ ନଗର,
ରୋଡ ନଂ-୩, ଶିଶୁପାଳଗଡ,
ମୋବାଇଲ ନଂ-୭୯୭୮୬୬୬୪୦୩

# 'ଦିନକୁ ଖାଉଛି ଷାଠିଏ ପଉଟି ବୁଦ୍ଧି ହେଲା ତାର ବାମ, ଜଗତେ ବୋଲନ୍ତି ବଡ଼ଖିଆ ବୋଲି ବଡ଼ଖିଆ ତାର ନାମ'


ପୁଷ୍ପମିତ୍ର ମହାପାତ୍ର

ବ୍ରହ୍ମ ଶବ୍ଦ ଏକ ବ୍ୟାପକ ଶବ୍ଦ ଅଟେ । ଯାହାର ରୂପ-ବର୍ଣ୍ଣ-ଦୀର୍ଘତା ମାପିବା ଏକ ଧୃଷ୍ଟତା ମାତ୍ର । ବ୍ରହ୍ମ ଶବ୍ଦ ଯୋଗରୁ ସ୍ୱୟଂବ୍ରହ୍ମ, ପରଂବ୍ରହ୍ମ, ଦାରୁବ୍ରହ୍ମ, ଶବ୍ଦବ୍ରହ୍ମ, ଶୂନ୍ୟ ବ୍ରହ୍ମ, ଅନ୍ନ ବ୍ରହ୍ମ ଅକ୍ଷର ବ୍ରହ୍ମ ଏବଂ ଅଲେଖ ବ୍ରହ୍ମ ଇତ୍ୟାଦି ପରିବ୍ୟାପକ ଶବ୍ଦ ସୃଷ୍ଟି କରାଯାଇଅଛି । ସ୍ୱୟଂବ୍ରହ୍ମ ଶବ୍ଦ ନିଜର ଆତ୍ମା ସଂପର୍କରେ ବର୍ଣ୍ଣନା କରାଯାଇଅଛି । ପରଂବ୍ରହ୍ମ ଶବ୍ଦ ପରମେଶ୍ୱରଙ୍କ ଚିନ୍ତା ଚୈତନ୍ୟତା ଭାବଧାରାର ସମ୍ବଳିତ ଅଟେ । ଉକ୍ତ ଶବ୍ଦ ମଧ୍ୟରେ ଭରି ରହିଛି ମାଧୁର୍ଯ୍ୟତା ଓ ଭକ୍ତିମିଶ୍ରିତ ରସର ଆସ୍ୱାଦନତା । ପ୍ରଭୁ ଭକ୍ତିର ମଧୁରତା । ରୋଗୀ, ଭୋଗୀ, ବୈରାଗୀ ଯିଏ ହେଉନା କାହିଁକି ଯେ, ଯେପରି ଭାବରେ ସାନ୍ନିଧ୍ୟ କାମନା କରୁଛି ଦୟାର ସାଗର ଦାରୁବ୍ରହ୍ମ ମୂରତି ଅଚିରେ ତାହା ପୂରଣ କରିଥାନ୍ତି ।

'ସର୍ବେଷାଂ ସର୍ବକ୍ଷେତ୍ରାଣାଂ ରାଜା ଶ୍ରୀପୁରୁଷୋତମଃ । ସର୍ବେଷାଂ ସର୍ବଦେବାନାଂ ରାଜା ଶ୍ରୀପୁରୁଷୋତମଃ ।।' ପୃଥିବୀର ସମସ୍ତ କ୍ଷେତ୍ର ଓ ତୀର୍ଥମାନଙ୍କର ରାଜା ଶ୍ରୀ ପୁରୁଷୋତମ କ୍ଷେତ୍ର ହେଲା ବେଳେ ସମସ୍ତ ଦେବତାଙ୍କ ରାଜା ଦାରୁବ୍ରହ୍ମ ପୁରୁଷୋତମ ଶ୍ରୀଜଗନ୍ନାଥ ଅଟନ୍ତି । କଳିଯୁଗର ଆରାଧ୍ୟ ଦେବତା ଶ୍ରୀଜଗନ୍ନାଥ ଯେଉଁ ଧାମରେ ବିରାଜମାନ କରନ୍ତି ତାହା ଭୋଗର କ୍ଷେତ୍ର ଅଟେ । ଭୋଗ ଏକ ବହ୍ୱର୍ଥକ ଶବ୍ଦ ଯାହାର ଅର୍ଥ – ନୈବେଦ୍ୟ, ଆହାର, ମଣୋହି, ଭକ୍ଷଣ, ଫଳ, ଅର୍ଥ, ଦୁଃଖସୁଖାଦିର ଅନୁଭବ, ବିଳାସ, ସ୍ତ୍ରୀ ସମ୍ଭୋଗ, ପ୍ରାରବ୍ଧ, ସର୍ପର ଫଣା, ପାପ ଓ ପୁଣ୍ୟର ଫଳ ଯାହା ସହନ କରାଯାଏ, ଆୟୁ, ଘର, ପୁର, ଧନ, ଅଧିକାର, ମାନ, ପରିମାଣ ଆଦି । ଏଠାରେ ଭୋଗର ନୈବେଦ୍ୟ, ମଣୋହି, ଆହାର, ଭକ୍ଷଣ ଆଦି ଅର୍ଥର ପ୍ରାସଙ୍ଗିକତା ରହିଛି ।

ପ୍ରଭୁ ନିଜେ ତ ଭୋଜନପ୍ରିୟ । ସେଥିପାଇଁ ଲୌକିକ ଭାଷାରେ ତାଙ୍କୁ 'ବଡ଼ଖିଆ' ବୋଲି କୁହାଯାଏ । 'ଲକ୍ଷ୍ମୀ ପୁରାଣ'ରେ ବଳରାମ ଦାସ ପ୍ରଭୁଙ୍କ ବଳଦେବଙ୍କ ମୁଖରେ ଏହାର ସୂଚନା ଦେଇଛନ୍ତି, 'ବଳରାମ କହୁଛନ୍ତି ଶୁଣ ଜଗନ୍ନାଥ, ବଡ଼ଖିଆ ବୋଲି ତୋତେ କହନ୍ତି ଜଗତ' । ସେହିପରି ଓଡ଼ିଶା ବିଖ୍ୟାତ ପାଲା ଗାୟକ ସ୍ୱର୍ଗତ ହରିନାଥଙ୍କ ଭାଷାରେ, 'ଦିନକୁ ଖାଉଛି ଷାଠିଏ ପଉଟି ବୁଦ୍ଧି ହେଲା ତାର ବାମ, ଜଗତେ ବୋଲନ୍ତି ବଡ଼ଖିଆ ବୋଲି ବଡ଼ଖିଆ ତାର ନାମ' । ଠାକୁର କେତେ ଭୋଜନପ୍ରିୟ ତାହା ତାଙ୍କର ନୀତିକାନ୍ତିରୁ ଜଣାପଡ଼େ । ସକାଳୁ ଗୋପାଳ ବଲ୍ଲଭ ଭୋଗରୁ ଆରମ୍ଭ କରି ରାତିରେ ବଡ଼ସିଂହାର ଭୋଗରେ ଶେଷ ହେବା ଯାଏଁ ଶ୍ରୀମନ୍ଦିରରେ ନିତି ଛଅଥର ଭୋଗ ଲାଗି ହୁଏ । ଭୋଗର ଆକାର ଷାଠିଏ ପଉଟି ଏବଂ ପ୍ରକାର ଛପନ । ତେଣୁ ତାଙ୍କୁ 'ଛପନ ଭୋଗ' କୁହାଯାଏ । ଷଡ଼ରସ ବିଶିଷ୍ଟ ଏହି ୫୬ଟି ଭୋଗର ନାମ ଏହିପରି ଅଟକାଳି, ଅମାଲୁ, ଆରିସା, ଏଣ୍ଡୁରି, କଦମ୍ବ, କାକରା, କାନ୍ତି, ହଂସକେଳି, କୋରା, ଖଇରଚୂଳ, ଖଜା, କ୍ଷୀରି, କ୍ଷୀରିସା, ଖୁରୁମା, ଖେଚୁଡ଼ି, ଗଇଁଠା, ଗଜା, ପୋଟଳି, ଚକଟା, ଚକୁଳି, ଚିତଉ, ଛୁଂପତ୍ର, ଜଗନ୍ନାଥବଲ୍ଲଭ, ଜେନାମଣି, ଝିଲି, ଡାକୁଆ, ଡାଳିମ୍ବ, ଛେନା ତାଡ଼ିଆ, ତ୍ରିପୁରି, ଧଉଳା, ନାଡି, ପଣାସୁଆ, ପଣା, ଅଦା, ପାଚେଡ଼ି, ସର ପାପୁଡ଼ି, ପାଲୁଅ କ୍ଷୀରି, ପଖାଳ, ପିଠା (ପୋଡ଼ପିଠା, ସାତପୁରି, କାନ୍ତି, ସୁଆର, ମହୁବିର), ପୁରି, ସରପୁଳି, ଫେରି, ବରା, ବଳିବାମନ, ଭଜା, ଲଡୁ, ଖୁଆମଣ୍ଡା, ମନୋହରା, ମହାଦେଇ, ଛେନା ମାଣ୍ଡୁଅ, ମୋହନ ଭୋଗ, ରସାବଳି, ରାଧାବଲ୍ଲଭ, ଲହୁଣିଆ, ଲକ୍ଷ୍ମୀ ବିଳାସ, ସରସ୍ୱତିଆ ଓ ହଂସ ବଲ୍ଲଭ (ମୋଟ ୫୬) । ମାଦଳା ପାଞ୍ଜି ଅନୁସାରେ ଆଗେ ଠାକୁରଙ୍କୁ ୪୩୫ ପ୍ରକାରର ଭୋଗ ଲାଗି ହେଉଥିଲା ଯାହା କାଳକ୍ରମେ ୫୬ରେ ରହିଛି ।

ଏହି ଛପନଭୋଗ ଶ୍ରୀମନ୍ଦିରର ରୋଷଘରେ ଖୋଦ ମହାଲକ୍ଷ୍ମୀଙ୍କ ତତ୍ତ୍ୱାବଧାନରେ ସୁଆର ଓ ଛତିଶ ପ୍ରକାରର ସେବାୟତଙ୍କ (ଛତିଶା ନିଯୋଗ ବା ମହାଲକ୍ଷ୍ମୀ ନିଯୋଗ) ଦ୍ୱାରା ପ୍ରସ୍ତୁତ ହୁଏ । ପ୍ରତ୍ୟେକରେ ୯ଟି ଲେଖାଏଁ ଝିଙ୍କା ଥିବା ୨୪୦ଟି ଚୁଲିରେ ମାଟିହାଣ୍ଡି ଓ କାଠଜାଳରେ ମା'ଲକ୍ଷ୍ମୀଙ୍କ କୃପାରୁ ଖୁବ କମ ସମୟ ଭିତରେ ସମ୍ପୂର୍ଣ୍ଣ ପାକକ୍ରିୟା ସମ୍ପନ୍ନ ହୁଏ । 'ଜତ୍ରାନ୍ନ ପାଚିକା ଲକ୍ଷ୍ମୀ ସ୍ୱୟଂ ଭୋକ୍ତା ଜନାର୍ଦ୍ଦନଃ' । ସେ ରୋଷେଇର ମହିମା କ'ଣ ବର୍ଣ୍ଣନା କରିବା ? ପ୍ରଭୁଙ୍କର ମଣୋହି ପାଇଁ ଉଦ୍ଦିଷ୍ଟ ରନ୍ଧନ ସାମଗ୍ରୀରେ ବିଲାତି ଆଳୁ, ବିଲାତି, ବାଇଗଣ, ଲାଉ, ସଜନା ଛୁଇଁ, ଅମୃତଭଣ୍ଡା, ଭେଣ୍ଡି, ଝୁଡୁଙ୍ଗ, ବିଟ, ଗାଜର, କାପ୍ସିକମ, ଲଙ୍କା ଓ ତିନି ପ୍ରକାର କୋବି ଆଦି ପରିବା ବ୍ୟବହାର ସମ୍ପୂର୍ଣ୍ଣ ନିଷିଦ୍ଧ । ପୌଷ ମାସର ପହିଲି ଭୋଗରେ ୨୩ ପ୍ରକାରର ସାମଗ୍ରୀ ଥାଏ । ପ୍ରଭୁଙ୍କ ନିତି ଦୁଇ ପ୍ରକାର ଭୋଗ ଅର୍ପଣ କରାଯାଏ, ଶଙ୍ଖୁଡ଼ି ଓ ଶୁଖିଲା । ଶଙ୍ଖୁଡ଼ି ଭୋଗରେ ଘିଅ ଅନ୍ନ, ସାଧା ଅନ୍ନ, କାନିକା, ଖେଚୁଡ଼ି, ମିଷ୍ଟାନ୍ନ, ରସାବଳି, ଡାଲି, ଡାଲମା, ବେସର, ମହୁର, ଶାଗ, ଆମ୍ବିଳ ଆଦି ନଅ ପ୍ରକାର ଅନ୍ନ, ଚାରି ପ୍ରକାର ପଖାଳ, ବାର ପ୍ରକାର ମିଠା ବ୍ୟଞ୍ଜନ, ନଅ ପ୍ରକାର ପିଠା ଓ ଦୁଗ୍ଧଜାତ ପଦାର୍ଥ, ଚଉଦ ପ୍ରକାର ତରକାରୀ ଓ ତିନି ପ୍ରକାର ଡାଲି ଅନ୍ତର୍ଭୁକ୍ତ ଥିଲାବେଳେ ଶୁଖିଲା ଭୋଗରେ ଖଜା, ଗଜା, ନାଡ଼ି, ବଡ଼ି, ମାଠପୁଳି, ଝିଲ୍ଲି, ଆରିସା, କାକରା, ମାଲପୁଆ ଆଦି ସାମିଲ ଥାଏ ।

'ବ୍ରହ୍ମ ବୈବର୍ତ୍ତ' ପୁରାଣ ଅନୁସାରେ 'ଜଗନ୍ନାଥୋ ଯଥା ସାକ୍ଷାତ ଦର୍ଶନାମୁକ୍ତିଦୋ ଧ୍ରୁବଂ' ପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କଲେ ଯେଉଁ ଫଳ ମିଳେ ମହାପ୍ରସାଦରୁ କଣିକାଏ ପାଇଲେ ସେହି ଫଳ ମିଳେ । ସେହିପରି 'ନୀଳାଦ୍ରୀ ମହୋଦୟ' ଅନୁଯାୟୀ ଯେ କୌଣସି ଲୋକ, ପିତୃ ପୁରୁଷ, ମୁନି ଋଷି ଯେ କେହି ମହାପ୍ରସାଦ ସେବନ କଲେ ମୁକ୍ତିପ୍ରାପ୍ତ ହୁଅନ୍ତି । 'କପିଳ ସଂହିତା'ରେ ବର୍ଣ୍ଣିତ ହୋଇଛି ଯେ କୋଟିଏ ଜନ୍ମର ପୁଣ୍ୟ ଥିଲେ ମହାପ୍ରସାଦ ସେବନର ସୌଭାଗ୍ୟ ମିଳେ । ଏପରିକି ଏକାଦଶୀ ଦିନ ଅନ୍ନଭୋଜନ ନିଷିଦ୍ଧ 'ଏକାଦଶ୍ୟାମ୍ ନ ଭୁଞ୍ଜୀତି ପକ୍ଷୟୋରୁଭୟୋରପି' ଥିଲେ ବି ଶ୍ରୀମନ୍ଦିରର ମହାପ୍ରସାଦ ସେବନ କଲେ ତାହା ଦୋଷାବହ ନୁହେଁ, କାରଣ ଶ୍ରୀମନ୍ଦିରର ପଶ୍ଚିମ ଦିଗରେ ଏକାଦଶୀ ଦେବୀ ପ୍ରତିଷ୍ଠିତ ଅଛନ୍ତି ଏବଂ ମନ୍ଦିରର ରୋଷଘରେ ପ୍ରସ୍ତୁତ ହେଉଥିବା ଅନ୍ନରେ ଅନ୍ନତ୍ୱ ଲୋପ ପାଇ ବ୍ରହ୍ମତ୍ୱ ଆରୋପିତ ହେଉଥିବାରୁ ତାହା ଅନ୍ନପ୍ରସାଦ ନୁହେଁ ଅନ୍ନ ବ୍ରହ୍ମ । ଭାରତ ବର୍ଷରେ ଗଢ଼ି ଉଠିଥିବା ମନ୍ଦିର ମାନଙ୍କର ପୂଜାଉପାସନା ବିଧାନ ଠାରୁ ପୁରୀ ବଡ଼ଦେଉଳର ବିଧିବିଧାନ ଭିନ୍ନ ଓ ସ୍ୱତନ୍ତ୍ର । ଏପରିକି ମହାପ୍ରଭୁଙ୍କର ମହାସ୍ନାନ ନୀତିରେ କେବେ ଗଙ୍ଗାଜଳ ବ୍ୟବହାର ହୁଏ ନାହିଁ । ଦେବତାଙ୍କୁ ଅର୍ପିତ ଫୁଲମାଳରେ କେବେ ଗଣ୍ଠି ପଡ଼େ ନାହିଁ । ଭୋଗ ବା ନୈବେଦ୍ୟ ସମୟରେ କେବେ ଘଂଟଘଂଟି ବାଜେ ନାହିଁ । ବିଚିତ୍ର ଏ ଦେବତା – ବିଚିତ୍ର ତାଙ୍କର ନୀତି । ଶ୍ରେଷ୍ଠ ବା ଉତ୍ତମ ମଣିଷ ଭଳି ତାଙ୍କର ଚଳଣି । ଗର୍ବ-ଅହଂକାର କିଛି ନାହିଁ । ଭକ୍ତର ଭକ୍ତି ଓ ଶ୍ରଦ୍ଧାରେ ବନ୍ଧା ମହାପ୍ରଭୁ ଶ୍ରୀଜଗନ୍ନାଥ ।

ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ,
ସେକ୍ଟର-୬, ସିଡିଏ, କଟକ,
ଦୂରଭାଷ : ୯୪୩୭୨୨୫୬୮୯

# ଆମେ ଯୁଦ୍ଧ ନୁହେଁ, ବୁଦ୍ଧ ଚାହୁଁ


ପ୍ରଦୀପ ସେନାପତି

ପ୍ରାଚୀନ ଭାରତର ତପୋବନ ମଧ୍ୟରୁ ମୁନୀକଣ୍ଠ ନିଃସୃତ ଅମରବାଣୀ ଯେପରି ଦିନେ ସମଗ୍ର ବିଶ୍ୱର ଚକ୍ଷୁ ଉନ୍ମିଳନ କରି ପାରିଥିଲା, ସେହିପରି ଭବିଷ୍ୟତରେ ମଧ୍ୟ ଏହାର ନିରପେକ୍ଷ ବୈଦେଶିକ ନିତୀ, ଶାନ୍ତିପୂର୍ଣ୍ଣ ସହାବସ୍ଥାନ ନିତୀ ଓ ସର୍ବୋପରି ନିରସ୍ତ୍ରୀକରଣ ଯେ ସମଗ୍ର ବିଶ୍ୱବାସୀଙ୍କ ହୃଦୟ ଦ୍ୱାରା ଉନ୍ମୁଭ କରିଦେବ ଏଥିରେ ତିଳେମାତ୍ର ସନ୍ଦେହ ନାହିଁ । ଏଣୁ ପୁରାଣୀୟ ସଂସ୍କୃତିର ବାବଦ୍ଧକ ଋଷିମାନଙ୍କ ମୁଖନିଃସୃତ ବାଣୀକୁ ଆଜି ମଧ୍ୟ ସମଗ୍ର ବିଶ୍ୱବାସୀଙ୍କ ପାଇଁ ଭାରତ ଉଦାର କଣ୍ଠରେ ଗାନ କରୁଅଛି । "ସର୍ବେ ଭବନ୍ତୁ ସୁଖୀନଃ, ସର୍ବେ ସନ୍ତୁ ନିରାମୟ- ସର୍ବେ ଭଦ୍ରାଣୀ ପଶ୍ୟନ୍ତୁ, ମାକଶ୍ଚିତ୍ ଦୁଃଖଭାବ ଭବେତ ।" "ପରୋପକାରାୟ ସ୍ୱର୍ଗାୟ" ନୀତିଟି ଜୀବ ଧର୍ମ ବୋଲି ଜ୍ଞାନ କରିବା ପ୍ରତ୍ୟେକ ସୁମଣିଷର କ□ବ୍ୟ । ସେଥିରେ ଈଶ୍ୱରଙ୍କର ଆଶିର୍ବାଦ ରୂପି ଅମୃତ ବର୍ଷଣ ହେବ । ମଣିଷ ଜୀବନ ହେବ ସାର୍ଥକ । ସ୍ୱାମୀ ବିବେକାନନ୍ଦଙ୍କ ଆଦର୍ଶରେ ଅନୁପ୍ରାଣୀତ ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜୀବନୀ ଅଳ୍ପରେ ଲେଖି ଅଳ୍ପ କଥାର ଇତି କରୁଛି ନଚେତ୍ ଅଳ୍ପ କଥା ମୂଲ୍ୟବୋଧର ଅଭାବ ରହିଯିବ ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ଦାମୋଦର ଦାସ ମୋଦିଙ୍କ ସଂକ୍ଷିପ୍ତ ପରିଚୟ ସମଗ୍ର ଭାରତବର୍ଷ ସମେତ ବିଶ୍ୱବାସୀ ଭଲଭାବେ ଅବଗତ । ତାଙ୍କର ନେତୃତ୍ୱ ଓ କ୍ଷମତାର ମହତ୍ୱ, ସୁଶାସନର ଶୈଳୀ ସମ୍ବନ୍ଧରେ ବିଶ୍ୱବାସୀ ଆଶ୍ଚର୍ଯ୍ୟ ପ୍ରକଟ କରୁଛନ୍ତି । ଶକ୍ତି କ୍ଷେତ୍ରରେ କାର୍ଯ୍ୟକ୍ରମ, ସଫଳତାର ମୂଳରେ ପ□ମୃତ ଦର୍ଶନ, ସୁଶାସନର ଚମତ୍କାର ଶୈଳୀ ପ୍ରାସଙ୍ଗିକ ଅଟେ । ଜନକଲ୍ୟାଣ ଯୋଜନା ପାଇଁ ଶିକ୍ଷକମାନଙ୍କ ପ୍ରତି ବା□, ଜନଭାଗିଦାରୀ ପ୍ରସଙ୍ଗ, ସ୍କୁଲମାନଙ୍କର ଯେପରି କଳେବର ତଥା ନୂଆ ସୁବିଧା, ଶିକ୍ଷକ ଦିବସରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ପିଲାମାନଙ୍କର ପ୍ରଶ୍ନ ଓ ପ୍ରଧାନମନ୍ତ୍ରୀଙ୍କ ଉ□ର, ଶିଳ୍ପ କୌଶଳର ବ୍ୟବହାର ବ୍ୟାପକ ସ୍ତରରେ କରିଛନ୍ତି । ସ୍ୱଚ୍ଛ ଭାରତର ଅଭିଯାନ ମୋଦିଙ୍କ ଜ୍ଞାନକୁ ଗ୍ରହଣ କରି ମହତ୍ୱ ଦିଅନ୍ତି । ତାଙ୍କର କାର୍ଯ୍ୟ ଦକ୍ଷତା, କଠିନ ପରିଶ୍ରମ କରିବା ଏକ ଅନିବାର୍ଯ୍ୟ ଯୋଗ୍ୟତା, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପରିଚାଳନାର ମନ୍ତ୍ର ବା ମୁଖ ନିସୃତ ବାଣୀ ଆଜି ବିଶ୍ୱଗୁରୁର ଉପାଧୀ ମଣ୍ଡନ କରିବା ଆମମାନଙ୍କ ପାଇଁ ଏବଂ ସମଗ୍ର ଭାରତବାସୀଙ୍କ ପାଇଁ ନିଶ୍ଚିତ ଭାବେ ଗର୍ବ ଓ ଗୌରବର କଥା ।

ଏପ୍ରିଲ ୨୨, ମଙ୍ଗଳବାର, ଦିନ ୪ଘଟିକା ସମୟରେ ଜାମ୍ମୁ-କାଶ୍ମୀର, ଅନନ୍ତନାଗ ଜିଲ୍ଲାର ପେହେଲଗାଁଓ ଠାରେ ପାକିସ୍ଥାନ ପ୍ରାୟୋଜିତ କୁଖ୍ୟାତ ଆତଙ୍କବାଦୀମାନଙ୍କ ଦ୍ୱାରା ନରସଂହାରରେ ନେପାଳର ଜଣେ ପର୍ଯ୍ୟଟକ ସମେତ ୨୫ଜଣ ଭାରତୀୟ ପର୍ଯ୍ୟଟକଙ୍କୁ ଧର୍ମ ଆଧାରରେ ଗୁଳିକରି ହତ୍ୟା କରିଥିଲେ । ଏଥିପାଇଁ ଭାରତୀୟମାନଙ୍କ ମନରେ ଚରମ ପ୍ରତିଶୋଧ ପରାୟଣ ହୋଇ ତୁରନ୍ତ ପାକିସ୍ଥାନ ବିରୋଧରେ ଦୃଢ ସାମରିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ମୋଦି ସରକାରଙ୍କ ଉପରେ ପ୍ରବଳ ଚାପ ପଡ଼ିଥିଲା । ପ୍ରଧାନମନ୍ତ୍ରୀ ମୋଦିଙ୍କର "ଆମେ ଯୁଦ୍ଧ ନୁହେଁ, ବୁଦ୍ଧ ଚାହୁଁ" ଏଭଳି ସମ୍ବେଦନଶୀଳ ଆହ୍ୱାନକୁ ବିଶ୍ୱ ସମୁଦାୟ ବୁଝିପାରିଥିବା ବେଳେ ଭୂଋଂଶୀ ପ୍ରଶଂସା କରିଥିଲେ । ମାତ୍ର ପାକିସ୍ଥାନ, ଚାଇନା, ଆମେରିକା, ତୁର୍କୀ ଏହି ବା□କୁ ଖାତିର କରିନଥିଲେ । ପ୍ରଧାନମନ୍ତ୍ରୀ ମୋଦି ପାକିସ୍ଥାନକୁ ସ୍ପଷ୍ଟ ଭାବରେ ଚରମ ଚେତାବନୀ ଶୁଣାଇ ଦେଇଥିଲେ । ତୁରନ୍ତ ତଥା ଦୃଢ ସାମରିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସମସ୍ତ କ୍ଷମତା ଭାରତୀୟ ସେନା ବାହିନୀକୁ ଦିଆଯାଇଥିଲା । କିଭଳି ପାକିସ୍ଥାନରେ ପଶି ଆତାଙ୍କବାଦୀମାନଙ୍କୁ ନିପାଦ କରାଯିବ ଏବଂ ସେମାନଙ୍କ ଆଡ଼ାଗୁଡ଼ିକୁ ମାଟିରେ ମିଶାଇ ଧ୍ୱଂସ କରାଯିବ ତାହା ସେନାବାହିନୀର ନିଜସ୍ୱ ଚିନ୍ତାଧାରାରେ ଯୋଜନା ପ୍ରସ୍ତୁତ କରିବେ ବୋଲି ମୋଦି ନିର୍ଦ୍ଦେଶ ଦେଇଥିଲେ । ପରେ, ମେ - ୮, ୯ ଓ ୧୦ ତାରିଖରେ ଯାହା ଘଟିଗଲା ତାହା ବିଶ୍ୱ ସମୁଦାୟକୁ ଚକିତ କରିଦେଇଥିଲା । ମାତ୍ର ତିନିଦିନ ମଧ୍ୟରେ ପାକିସ୍ଥାନ ସମେତ ସମଗ୍ର ବିଶ୍ୱ ଜାଣିଲା ଭାରତର ପରାକ୍ରମ । ସାମରିକ ଶକ୍ତିର କ୍ଷମତା କେତେ ଭୟଙ୍କର ଥିଲା । ପାକିସ୍ଥାନର ନିଦ ହଜାଇ ଦେଇଥିଲେ ମୋଦି ସରକାର । ଭୟଭୀତ ହୋଇ ଆମେରିକା ସମେତ ବିଶ୍ୱ ସମୁଦାୟ ଆଗରେ ଗୁହାରି କରି ଯୁଦ୍ଧ ବନ୍ଦ କରିବା ପାଇଁ ଭାରତକୁ ବୁଝାଇବାପାଇଁ ଶରଣ ପଶିଥିଲା । ପାକିସ୍ଥାନ ସର୍ବଦା ଟିକେ ଟିକେ କଥାରେ ଭାରତ ଉପରେ ପରମାଣୁ ବୋମା ପକାଇ ଉଡ଼ାଇ ଦେବାକୁ ସସ୍ତା ଧମକପୂର୍ଣ୍ଣ ବା□ ଦେଉଥିବାବେଳେ, ମୋଦି ସରକାର ପାକିସ୍ଥାନରେ ଥିବା ତା'ର ସେହି ପରମାଣୁ ଶକ୍ତି କେନ୍ଦ୍ରକୁ ଧ୍ୱଂସ କରିବା ପାଇଁ "କିରାନାହିଲ୍" ଉପରେ "ବ୍ରହ୍ମୋସ୍ତ୍ର" ମିଶାଇଲ ମାଡ଼କରି ପାକିସ୍ଥାନକୁ ଛାନିଆ କରିପକାଇଥିଲେ । ମୋଦି ରୋକଠୋକ୍ ଚରମ ଚେତାବନୀ ଶୁଣାଇ ଦେଇ ଧମକପୂର୍ଣ୍ଣ ବା□ ପ୍ରଦାନ କରି କହିଥିଲେ ଯେ, ଭାରତକୁ ପରମାଣୁ ଧମକ ଦେଉଥିବା ପାକିସ୍ତାନର ବ୍ଲାକମେଲକୁ ଆଉ କସ୍ମିନକାଳେ ମୋଦି ସରକାର ବରଦାସ୍ତ କରିପାରିବେ ନାହିଁ । ଯେତେବେଳେ ଚାହିଁବ ଏବଂ ଯେଉଁ ମୁହୂ□ରେ ଚାହିଁବ ପାକିସ୍ଥାନକୁ ସମ୍ପୂର୍ଣ୍ଣ ଭାବରେ ମାଟିରେ ମିଶାଇ ଦେବାପାଇଁ ସମସ୍ତ ପ୍ରସ୍ତୁତି କରି ସାରିଛନ୍ତି ମୋଦି ସରକାର । ଯାହା ପ୍ରମାଣ ସ୍ୱରୂପ ପାକିସ୍ତାନ ପାଇ ସାରିଛି । ଭାରତର ସାମରିକ ଶକ୍ତିର କ୍ଷମତା କେତେ ଭୟଙ୍କର ଏବଂ ଶକ୍ତିଶାଳୀ ଥିଲା ତାହା କେବଳ ପାକିସ୍ଥାନ ନୁହେଁ, ସମଗ୍ର ବିଶ୍ୱ ମଧ୍ୟ ଚକିତ ହୋଇଯାଇଥିଲା । ମୋଦି କହିଲେ, ଏହା ପୁରୁଣା ଭାରତ ନୁହେଁ, ଏହା ମୋଦି ଭାରତ ।

ପାକିସ୍ତାନର ଆତଙ୍କବାଦୀମାନଙ୍କ ନରସଂହାରରେ ମୋଦି କେବଳ ପାକିସ୍ତାନକୁ ନୁହେଁ ବରଂ ଅନ୍ୟ ତିନୋଟି ଦେଶ ସହିତ ମଧ୍ୟ ଲଢ଼ି ଭାରତର ଦୁଃସାହସିକ ଚମତ୍କାର ସାମରିକ ପରାକ୍ରମ ଦେଖାଇ ପାରିଛନ୍ତି । ଆମେରିକା, ଚାଇନା, ତୁର୍କୀର ଡ୍ରୋନ୍, ଯୁଦ୍ଧ ବିମାନ , ରାଡ଼ାର ସିଷ୍ଟମ, ଏୟାର ଡ଼ିଫେନେସ୍ ସିଷ୍ଟମଗୁଡ଼ିକ ସମ୍ପୂର୍ଣ୍ଣ ଧ୍ୱସଂ କରି ମୋଦି ଚେତାଇ ଦେଲେ ଯେ, ଭାରତର ସାର୍ବଭୌମତ, ଅଖଣ୍ଡତା, ସୁରକ୍ଷା ଓ ନିରାପ□ା ନିମନ୍ତେ ଯେ କୌଣସି ପ୍ରକାର ପଦକ୍ଷେପ ବା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ପ୍ରତିଶୃତିବଦ୍ଧ । ଏଥିପାଇଁ କାହାର ସାହାଯ୍ୟ, ସହଯୋଗର ଆବଶ୍ୟକତା ନାହିଁ କିମ୍ବା ବିଶ୍ୱରେ ଆମକୁ କେହି ଅଟକାଇ ପାରିବେ ନାହିଁ କି ନାଲି ଆଖି ଦେଖାଇ ପାରିବେ ନାହିଁ । ନିଜସ୍ୱ ଜ୍ଞାନକୌଶଳ ନିର୍ମିତ ମୋଦିଭାରତର କ୍ଷମତା ବହୁ ଉନ୍ନତ ଏବଂ ଶକ୍ତିଶାଳୀ, ମେକ୍‌ଇନ୍ ଇଣ୍ଡିଆର ସ୍ୱପ୍ନ ସମ୍ପୂର୍ଣ୍ଣ ଭାବେ ସାର୍ଥକ ହୋଇପାରିଛି ବୋଲି ମୋଦିବିଶ୍ୱକୁ ଚେତାଇ ଦେଇଛନ୍ତି । ଆମେରିକା, ଚାଇନା ଓ ତୁର୍କୀ ମଧ୍ୟ ଭାରତର ସାମରିକ ଶକ୍ତିର କ୍ଷମତା, ଦକ୍ଷତାକୁ ନିଶ୍ଚିତ ଭାବରେ ଗ୍ରହଣ କରିବା ପାଇଁ ବାଧ୍ୟ ହୋଇଛନ୍ତି । ପାକିସ୍ତାନକୁ ସିନ୍ଧୁନଦୀ ଜଳଚୁକ୍ତି ବାତିଲ କରି ଦୃଢ ଐତିହାସିକ ଓ ଦୁଃସାହସିକ ପଦକ୍ଷେପ ଗ୍ରହଣ କରିବା ସ୍ୱାଧୀନ ଭାରତ ପାଇଁ ଏହା ଥିଲା ପ୍ରଥମ ଘଟଣା ବୋଲି କୁହାଯିବ । ଆଜି ପର୍ଯ୍ୟନ୍ତ କୌଣସି ପ୍ରଧାନମନ୍ତ୍ରୀ ଏଭଳି ପଦକ୍ଷେପ ଗ୍ରହଣ କରିବା ପାଇଁ ସାହାସ କରିପାରିନଥିଲେ ଏହା "ମୋଦି ଭାରତ" ।

ପ୍ରଧାନମନ୍ତ୍ରୀ ମୋଦି ବିଶ୍ୱକୁ ଆହୁରି ଚେତାଇ ଦେଇଛନ୍ତି ଯେ, ଦେଶ ପାଇଁ ଆବଶ୍ୟକ ପଡ଼ିଲେ ଆମ୍ଭେ "ବୁଦ୍ଧ ନୁହେଁ ଯୁଦ୍ଧ ପାଇଁ ସର୍ବଦା ପ୍ରସ୍ତୁତ ଅଛୁ । ଏହା "ମୋଦି ଭାରତ" ଏଡି ପରିପ୍ରେକ୍ଷୀରେ ଯଶ୍ୱସୀ ପ୍ରଧାନମନ୍ତ୍ରୀ ମୋଦି "ବିଶ୍ୱ ବନ୍ଦିତ" ପ୍ରଧାନମନ୍ତ୍ରୀ ହୋଇଥିବାରୁ ଗର୍ବର ସହିତ ଆଜି ଆମେ କହିପାରୁଛୁ "ମେରା ଭାରତ ମହାନ୍" । ତେଣୁ, ଆଜି ତାଙ୍କର ଏହି ପବିତ୍ର ୭୫ତମ ଜୟନ୍ତୀ ଅବସରରେ ଗର୍ବ ଓ ଗୌରବ, ସହୃଦୟତାର ସହିତ ମୁଁ ଗଭୀର ଶୁଭେଚ୍ଛା ଅଭିନନ୍ଦନ ଓ ଶୁଭକାମନା ଜଣାଇ କାଳଜୟୀ ହୋଇ ରୁହନ୍ତୁ ବୋଲି ଏତିକି ପ୍ରଭୁ ଶ୍ରୀ ଲିଙ୍ଗରାଜଙ୍କ ପାଖରେ ପ୍ରାର୍ଥନା କରୁଛି । ଜୟହିନ୍ଦ୍, ଜୟ ଭାରତ, ଭାରତ ମାତା କି ଜୟ, ଜୟ ମୋଦି ଭାରତ ।

ରାଜ୍ୟ ସଭାପତି,
ଓଡ଼ିଶା ସାମ୍ବାଦିକ ସୁରକ୍ଷା ସଂଗଠନ
ଆନ୍ତର୍ଜାତୀୟ ସ୍ତରର ସ୍ତମ୍ଭକାର,
ସାମନ୍ତରାପୁରପୁରୁଣା, ଭୁବନେଶ୍ୱର-୨,
ମୋ :- ୭୮୪୮୮୯୮୪୫୬

୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ
# ଖେଳ ପର୍ଯ୍ୟବେକ୍ଷକ
ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ
Bhubaneswar Saturday September 13 ଭୁବନେଶ୍ୱର ଶନିବାର, ୧୩, ୨୦୨୫ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com


## ଭାରତୀୟ ଲ କମିଶନ ଅଧ୍ୟକ୍ଷ ଜଷ୍ଟିସ୍ ଦିନେଶ ମହାଶ୍ୱେରୀଙ୍କ ଦ୍ୱାରା ପ୍ରଥମ କିଟ୍ ଇଣ୍ଟରନ୍ୟାସ୍‌ନାଲ୍ ମୁଟ୍‌କୋର୍ଟ ପ୍ରତିଯୋଗିତା ଉଦ୍‌ଘାଟିତ




ଭୁବନେଶ୍ୱର,(ପି.ଏନ): ଭାରତର ୨୩ତମ ଭାରତୀୟ ବିଧି ଆୟୋଗ ଅଧ୍ୟକ୍ଷ ତଥା ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ଜଷ୍ଟିସ୍ ଦିନେଶ ମାହେଶ୍ୱରୀଙ୍କ ଦ୍ୱାରା କିଟ୍ ଲ ସ୍କୁଲରେ ପ୍ରଥମ କିଟ୍ ଇଣ୍ଟରନ୍ୟାସ୍‌ନାଲ୍ ମୁଟ୍ କୋର୍ଟ ପ୍ରତିଯୋଗିତା ୨୦୨୫ ଉଦ୍‌ଘାଟିତ ହୋଇଯାଇଛି। ତିନି ଦିନ ଧରି ଚାଲିବାକୁ ଥିବା ପ୍ରଥମ କିଟ୍ ଇଣ୍ଟରନ୍ୟାସ୍‌ନାଲ୍ ମୁଟ୍ କୋର୍ଟ ପ୍ରତିଯୋଗିତାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜଷ୍ଟିସ୍ ମାହେଶ୍ୱରୀ କହିଲେ, ଆଇନ୍ ଛାତ୍ରଛାତ୍ରୀମାନେ ସର୍ବଦା ସେମାନଙ୍କ ବୃତ୍ତିରେ ଉତ୍କର୍ଷତା ବଜାୟ ରଖିବା ଉଚିତ। ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ସେ କହିଲେ, ଆଇନ୍ ଶିକ୍ଷାଲାଭ ସମୟରେ ଛାତ୍ରଛାତ୍ରୀଙ୍କୁ ମୁଟ୍ କୋର୍ଟ ପ୍ରତିଯୋଗିତାର ଯଥେଷ୍ଟ ଆବଶ୍ୟକତା ରହିଛି। ଆର୍‌ବିଟ୍ରେସନ୍ ଆଜି କେବଳ ଏକ ବିକଳ୍ପ ବିବାଦ ସମାଧାନର ବ୍ୟବସ୍ଥା ହୋଇନାହିଁ, ଏହା ଆଇନଗତ ବ୍ୟବସ୍ଥାର ଏକ ଅବିଚ୍ଛେଦ୍ୟ ଅଂଶ ପାଲଟିଛି ବୋଲି ସେ କହିଥିଲେ। ସର୍ବଦା ସ୍ୱଷ୍ଟବାଦୀ, ସଠିକତା ଏବଂ ସମାଲୋଚନାମୂଳକ ଚିନ୍ତାଧାରା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଛାତ୍ରଛାତ୍ରୀମାନେ ସ୍ୱଷ୍ଟ ହେବାକୁ ଶିଖନ୍ତୁ, ପ୍ରଶ୍ନ ପଚାରି ଚାଲନ୍ତୁ, ସେମାନଙ୍କ ପାଇଁ ସଫଳତା ନିଶ୍ଚିତ ଆସିବ ବୋଲି ସେ କହିଥିଲେ। ଏହି ଅବସରରେ ସେ କୋର୍ଟ କାର୍ଯ୍ୟକଳାପରେ ନିଜକୁ ସଂପୂର୍ଣ୍ଣ ଭାବରେ ପ୍ରତିବଦ୍ଧ କରିବା ସହ ବିଶ୍ୱାସ ସୃଷ୍ଟି କରିବା ଏବଂ ଜଟିଳ ସୂଚନାରୁ ଅର୍ଥ ବାହାର କରିବାର କ୍ଷମତା ବିକଶିତ କରିବାକୁ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ଏଭଳି କାର୍ଯ୍ୟ ପାଇଁ ମୁଟ୍ କୋର୍ଟ ନିଶ୍ଚିତ ଭାବେ ସହାୟକ ହୋଇଥାଏ ବୋଲି ସେ କହିଥିଲେ।

ଜଷ୍ଟିସ୍ ମାହେଶ୍ୱରୀଙ୍କ ଦୁଇ ଦିନିଆ କିଟ୍ ଓ କିସ୍ ଗସ୍ତ ଅବସରରେ ଆଜି କିଟ୍‌ର ସମସ୍ତ କ୍ୟାମ୍ପସ ଓ କିସ୍‌ର ସମସ୍ତ ୟୁନିଟ୍ ପରିଦର୍ଶନ କରି କିସ୍ ଛାତ୍ରଛାତ୍ରୀଙ୍କ ସହ ଦୀର୍ଘ ସମୟ ଅତିବାହିତ କରିଥିଲେ। ଜଷ୍ଟିସ୍ ମାହେଶ୍ୱରୀ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ କାର୍ଯ୍ୟର ଉଚ୍ଚ ପ୍ରଶଂସା କରିବା ସହ ତାଙ୍କର ଇଣ୍ଡିଆ ଏଗେନ୍‌ଷ୍ଟ ନେଗେଟିଭିଟି ଦର୍ଶନର ଉଦାହରଣ ଦେଇ କହିଲେ, ସଫଳତା ପାଇବାକୁ ହେଲେ ନକାରାତ୍ମକତା ବିରୋଧରେ ଏକାଠି ହେବାକୁ ପଡ଼ିବ। କାର୍ଯ୍ୟକ୍ରମରେ କିଟ୍ ବିଶ୍ୱବିଦ୍ୟାଳୟ କୁଳାଧିପତି ଅଶୋକ କୁମାର ପରିଜା ଛାତ୍ରଛାତ୍ରୀମାନଙ୍କୁ ନିଷ୍ଠାର ସହିତ ଆଇନ ପାଠ ପଢିବାକୁ ଉତ୍ସାହିତ କରି କହିଲେ, ଆଇନ ଏକ କଷ୍ଟକର ବୃତ୍ତି। ଏହି ବୃତ୍ତିରେ ସଫଳତା ପାଇବାକୁ ହେଲେ ଆଇନ୍ ଛାତ୍ରଛାତ୍ରୀ ଦିନକୁ ୨୦ ଘଣ୍ଟା ପରିଶ୍ରମ କରିବାକୁ ପଡ଼ିବ। ପ୍ରଫେସର ଏମେରିଟସ୍ ଏନ. ଏଲ୍. ମିତ୍ର ମୁଟ୍ କୋର୍ଟର ଇତିହାସ ଉପରେ ଆଲୋଚନା କରିଥିଲେ। ୧୯ଶ ଶତାବ୍ଦୀର ଶେଷ ଭାଗରେ ମୁଟ୍ କୋର୍ଟର ଉତ୍ପତ୍ତି ଏବଂ ୧୯୬୦ ଦଶକରେ ଆର୍‌ବିଟ୍ରେସନ୍ ମାମଲାଗୁଡ଼ିକର ଅଭ୍ୟୁଦୟ ହୋଇଥିବା ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କିଟ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂହ, ଉପକୁଳପତି ପ୍ରଫେସର ରାଜୁ କେ. ଡି. ଏବଂ କିଟ୍ ଲ ସ୍କୁଲ ନିର୍ଦ୍ଦେଶକ ପ୍ରଫେସର ରୋଜ୍ ଭାର୍ଗୀଜ୍ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ, କିଟ୍ ଲ ସ୍କୁଲ୍‌ର ଦେଶର ପ୍ରତିଷ୍ଠିତ ଆଇନ ବିଦ୍ୟାଳୟ ମଧ୍ୟରୁ ଅନ୍ୟତମ। କିଟ୍ ଲ ସ୍କୁଲ୍ ଛାତ୍ରଛାତ୍ରୀମାନେ ତିନିଥର ବିସିଆଇ ଜାତୀୟ ମୁଟ୍ କୋର୍ଟ ପ୍ରତିଯୋଗିତା ଜିତି ସମଗ୍ର ଦେଶରେ ଇତିହାସ ସୃଷ୍ଟି କରିଛନ୍ତି। ଏହା ବ୍ୟତୀତ ଅନ୍ୟାନ୍ୟ ମୁଟ୍ କୋର୍ଟ ପ୍ରତିଯୋଗିତାରେ ମଧ୍ୟ ଉଲ୍ଲେଖନୀୟ ସଫଳତା ହାସଲ କରି କିଟ୍ ଦେଶର ଅଗ୍ରଣୀ ଲ ସ୍କୁଲ୍ ହେବାର ଗୌରବ ଅର୍ଜନ କରିଛି। କିଟ୍ ଲ ସ୍କୁଲ୍ ଦ୍ୱାରା ଆୟୋଜିତ ଏହି ପ୍ରଥମ ଇଣ୍ଟରନ୍ୟାସନାଲ ମୁଟ୍ କୋର୍ଟ ସଂସ୍କରଣରେ ଅନ୍ତର୍ଜାତୀୟ ଅଂଶଗ୍ରହଣକାରୀଙ୍କ ସମେତ ୫୪ରୁ ଅଧିକ ଦଳ ଅଂଶଗ୍ରହଣ କରିଛନ୍ତି।

## କ୍ଷୁଦ୍ର ଜଳସେଚନ ବିଭାଗ ର ବିଭିନ୍ନ ପ୍ରକଳ୍ପ ପରିଦର୍ଶନ କଲେ ଧର୍ମଗଡ଼ ବିଧାୟକ



ଭବାନୀପାଟଣା, (ପି.ଏନ): କୋକସରା ବ୍ଲକ କ୍ଷୁଦ୍ର ଜଳସେଚନ ବିଭାଗର ବିଭିନ୍ନ ଜଳସେଚନ ପ୍ରକଳ୍ପ ଶୁକ୍ରବାର ପରିଦର୍ଶନ କରିଛନ୍ତି ଧର୍ମଗଡ ବିଧାୟକ ସୁଧୀର ରଞ୍ଜନ ପାଟଯୋଶୀ। ପ୍ରଥମେ ସେ ଗୋତମୁଣ୍ଡା ପଞ୍ଚାୟତ ରେ ଥିବା ଅଠରନାଳା, ପିପିଲ ଝାପର ନିକଟରେ ଥିବା ପେନଶାଳ ନାଳା, ବଡ ଜୋର, ଡୁଡୁକାଠେଙ୍ଗା ପଞ୍ଚାୟତ ରେ ଥିବା କ୍ଷୁଦ୍ର ଜଳସେଚନ ର ସର୍ବ ବୃହତ ପ୍ରକଳ୍ପ ବେହେରା ଡ୍ୟାମ, ସର୍ଗିଗୁଡା ଜତାଖଲିଆ ଚେକ ଡ୍ୟାମ, ଆମପାଣି ପଞ୍ଚାୟତ କନ୍ଦାଗଡ଼ ନିକଟରେ ଥିବା ମୋଡୋସିଲ ଚେକଡ୍ୟାମ, କରକ ନାଳା ଚେକ ଡ୍ୟାମ ପରିଦର୍ଶନ କରିବା ସହ ଏହି ସବୁ ପ୍ରକଳ୍ପ ରେ ଚାଷି ଙ୍କ ପାଇଁ ଜଳସେଚନ ରେ ରହିଥିବା ସମସ୍ୟା ନେଇ ସ୍ଥାନୀୟ ଅଞ୍ଚଳର ଚାଷି ଙ୍କ ସହ ଆଲୋଚନା କରିବା ସହ ଉପସ୍ଥିତ କ୍ଷୁଦ୍ର ଜଳସେଚନ ର ନିର୍ବାହୀ ଯନ୍ତ୍ରୀ ସରୋଜ ସା ଙ୍କୁ ଚାଷି ଙ୍କ ସମସ୍ୟା ଓ ଜଳସେଚନ କେମିତି ଶେଷ ମୁଣ୍ଡ ପର୍ଯ୍ୟନ୍ତ ଯିବ ସେନେଇ ଆବଶ୍ୟକ ସ୍ଥଳେ ପ୍ରକଳ୍ପ ଓ କେନାଲ ମରାମତି କରି ଚାଷି ଙ୍କ ସମସ୍ୟା ସମାଧାନ କରିବାକୁ କହିଛନ୍ତି। ତେବେ ବିଗତ ସରକାର ଙ୍କ ସମୟରେ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ରେ କୋଟି କୋଟି ଟଙ୍କା ଉନ୍ନତି ନାଁ ରେ ଖର୍ଚ୍ଚ ହୋଇଥିବା ବେଳେ କେବଳ ଠିକାଦାର ଓ ବିଭାଗୀୟ ଅଧିକାରୀ ଙ୍କ ପକେଟ କୁ ଯାଇଛି ଚାଷି ଆଜି ମଧ୍ୟ ବିଭିନ୍ନ କ୍ଷୁଦ୍ର ଜଳସେଚନ ଅଧୀନରେ ଥିବା ପ୍ରକଳ୍ପ ରୁ ଜଳସେଚନ ରୁ ବଞ୍ଚିତ ଥିବା ନେଇ ଚାଷୀମାନେ ବିଧାୟକ ଙ୍କୁ ଅଭିଯୋଗ କରିଥିଲେ। ବିଧାୟକ ଙ୍କ ଏହି ଗସ୍ତ ସମୟରେ ବିଭାଗୀୟ ସହକାରୀ ଯନ୍ତ୍ରୀ ତପନ କୁମାର ଦାସ, କନିଷ୍ଠ ଯନ୍ତ୍ରୀ ସୌମ୍ୟରଂଜନ ନାଏକ,ବିଜେପି ଆମପାଣି ମଣ୍ଡଳ ସଭାପତି ମଧୁବନ ପାତ୍ର, ସାଧାରଣ ସମ୍ପାଦକ ତୁଳାରମ ନାଏକ,ଦ୍ରୋଣାଚାର୍ଯ୍ୟ ପୁଝାରୀ, ଜିଲ୍ଲା ପ୍ରତିନିଧି ଅର୍ଜୁନ ଭାଟି, ଗୋପାଳ ଅଗ୍ରୱାଲ , କୋକସରା ମଣ୍ଡଳ ଜିଲ୍ଲା ପ୍ରତିନିଧି ଦୁର୍ଗା ପ୍ରସାଦ ପ୍ରଧାନୀ , ଯୁବ ମୋର୍ଚ୍ଚା ସଭାପତି ତ୍ରୈଲୋକ୍ୟ ବେଶ୍ରା , ସନ୍ତୋଷ କୁମାର ମାଝୀ , ଭୁବନେଶ୍ୱର, ନାଏକ,କାମଦେବ ମାଝୀ, ମକରନ୍ଦ ବାଗ, ଅଭିକ୍ଷିତ ସରାବୁ, ସନାତନ ସୁନାନୀ, ଚକ୍ରଧର ବେଶ୍ରା , ନରେଶ ଗୁପ୍ତା , ଭଜନମ ନାଏକ ସମେତ ବିଜେପି କାର୍ଯ୍ୟକର୍ତ୍ତା ଓ ଚାଷୀ ମାନେ ଉପସ୍ଥିତ ଥିଲେ।

## ସରକାର ଗଣତାନ୍ତ୍ରିକ ପ୍ରତିବାଦ ପ୍ରତି ନିରବ କାହିଁକି ?

ଭୁବନେଶ୍ୱର,(ପି.ଏନ): ଲୋକଶକ୍ତି ଅଭିଯାନର ସଭାପତି ତଥା ବିଶିଷ୍ଟ ପରିବେଶବିତ ପ୍ରଫୁଲ୍ଲ ସାମନ୍ତରା ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଯେ, ଗଞ୍ଜାମ ଜିଲ୍ଲାର ପୋଲସରା ନିର୍ବାଚନ ମଣ୍ଡଳୀର ତୁଙ୍କାପଡ଼ା ଗ୍ରାମପଞ୍ଚାୟତର ପ୍ରାକୃତିକ ପର୍ଯ୍ୟଟନ ତଥା ସାଂସ୍କୃତିକ ଐତିହ୍ୟ ସ୍ଥଳକୁ ଯେପରି ଭାବରେ ଧ୍ୱଂସ କରିବା ପାଇଁ ଲିଜ ଦିଆଯାଇଛି ତାହା ପ୍ରତ୍ୟାହାର କରିନେବାକୁ ସ୍ଥାନୀୟ ଜନତା ବାରମ୍ବାର ପ୍ରତିବାଦ କରିଆସିଛନ୍ତି। ସେଠାରେ ପଥର ଖନନ ଓ ପରିବହନ ଦ୍ୱାରା ପାହାଡ଼ର କ୍ଷୟ ସହ ବୃକ୍ଷ ଓ ଜଳଧାର ନଷ୍ଟ ହେବା ପରେ ଲୋକେ ପ୍ରତିରୋଧ କରି ପଥର ଖନନକୁ ବନ୍ଦ କରିଦେବାକୁ ବାଧ କରିଛନ୍ତି। ଏହି ଆନ୍‌ଦୋଳନର ନେତୃତ୍ୱ ନେଉଥିବା ପୂର୍ବତନ ସରପଞ୍ଚ ତଥା ପ୍ରମୁଖ ସାମାଜିକ ନାରୀନେତ୍ରୀ ଆରତୀ ଦେବୀ ଜିଲ୍ଲା ପ୍ରଶାସନ, ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ ଓ ସାଂସଦଙ୍କ ଠାରୁ କୌଣସି ସହଯୋଗ ନପାଇବାରୁ ବାଧ ହୋଇ ରାଜଧାନୀର ରାଜଭବନ ସମ୍ମୁଖରେ ଗଣଧାରଣା ଓ ଅନଶନରେ ବସିଛନ୍ତି ଗତ ଅଗଷ୍ଟ ୧୦ ତାରିଖରୁ। କିନ୍ତୁ ରାଜ୍ୟ ସରକାରଙ୍କ ସମ୍ପୃକ୍ତ ବିଭାଗୀୟ ଅଧିକାରୀ ଓ ମନ୍ତ୍ରୀ ନିରବ କାହିଁକି ? ଶାସକ ଦଳ ବିଜେପି ନିଜ ଦଳୀୟ କର୍ମୀଙ୍କ ନେତୃତ୍ୱରେ ଜାରି ରହିଥିବା ପ୍ରାକୃତିକ ସମ୍ପଦର ସୁରକ୍ଷା ଆନ୍‌ଦୋଳନ ପ୍ରତି ସମର୍ଥନ ଓ ସହଯୋଗ ନଦେବା ପ୍ରମାଣିତ ହେଉଛି ଯେ, ସରକାର ଗ୍ରାମାଞ୍ଚଳ ଜଙ୍ଗଲ - ଜଳର ସୁରକ୍ଷା ଅପେକ୍ଷା ଖଣି - ପଥର - ବାଲି ମାଫିଆଙ୍କ ସୁରକ୍ଷା ପ୍ରତି ଗୁରୁତ୍ୱ ଦେଉଛନ୍ତି। ଦଳୀୟ ସ୍ୱାର୍ଥରୁ ଉର୍ଦ୍ଧ୍ୱରେ ରହି ପାର୍ଟି ଅପେକ୍ଷା ମାଟିକୁ ଗୁରୁତ୍ୱ ଦେଇ ଗଣତନ୍ତ୍ରିକ ଆନ୍‌ଦୋଳନ କରୁଥିବା ଆରତୀ ଦେବୀଙ୍କ ଦାବୀକୁ ସରକାର ଓ ପ୍ରଶାସନ ତୁରନ୍ତ ଗ୍ରହଣ କରି ପଥର କଟା ଲିଜ ଓ ପରିବେଶ ମଞ୍ଜୁରୀ ତୁରନ୍ତ ପ୍ରତ୍ୟାହାର କରି କ୍ଷୟ ହୋଇଥିବା ସବୁଜ ପାହାଡ଼ ଓ ଜଳପ୍ରବାହ ହେଉଥିବା ନାଳର ପୁନର୍ବାର କରାଯାଉ ବୋଲି ଧାରଣାସ୍ଥଳରେ ଉପସ୍ଥିତ ରହି ଶ୍ରୀ ସାମନ୍ତରା ଆହ୍ୱାନ କରିଛନ୍ତି। ଧାରଣାସ୍ଥଳରେ ରାଷ୍ଟ୍ରୀୟ ଯୁବା ସଙ୍ଗଠନର ରାଜ୍ୟ ସଂଯୋଜକ ମାନସ ପଟ୍ଟନାୟକ ଶ୍ରୀ ସାମନ୍ତରାଙ୍କ ସହ ଯୋଗଦେଇଥିଲେ।

## ପୋଷଣ ମାସକୁ ପାଳନ କରନ୍ତୁ ସଠିକ୍ ଆହାର ସହିତ



ଭୁବନେଶ୍ୱର,(ପି.ଏନ): ଏକ ସନ୍ତୁଳିତ ଆହାର ଉତମ ସ୍ୱାସ୍ଥ୍ୟ ପାଇଁ ଗୁରୁତ୍ୱପୂର୍ଣ୍ଣ ଅଟେ, ଏବଂ ଚଳିତ ବର୍ଷର ପୋଷଣ ମାସର ଥିମ 'ଖାଦ୍ୟ ଆମ ସମସ୍ତଙ୍କୁ ସଂଯୋଗ କରିଥାଏ' ସଂଯୋଗ ସ୍ଥାପନ କରିବାରେ ଖାଦ୍ୟର ଭୂମିକାକୁ ପ୍ରଦର୍ଶିତ କରିଛି। ନିଜର ଦିନକୁ ଆଲମଣ୍ଡ, ଫଳ ଓ ଖାଦ୍ୟଶସ୍ୟ ଭଳି ପୋଷଣରେ ସମୃଦ୍ଧ ଖାଦ୍ୟ ସହ ଆରମ୍ଭ କରିବା ଦ୍ୱାରା ତାହା ଶାରୀରିକ ଶକ୍ତି ଓ ସୁସ୍ଥତା ବୃଦ୍ଧି କରିଥାଏ। ଜିଙ୍କ, ମ୍ୟାଗ୍ନେସିୟମ, ଆଇରନ ଓ ଭିଟାମିନ ଇ ଭଳି ୧୫ଟି ଜରୁରୀ ପୋଷଣ ତତ୍ୱରେ ସମୃଦ୍ଧ କାଲିଫର୍ଣ୍ଣିଆ ଆଲମଣ୍ଡ ସାମଗ୍ରିକ ସୁସ୍ଥତାରେ ସହଯୋଗ କରିବା ପାଇଁ ଏକ ସରଳ ମାଧ୍ୟମ ଅଟେ। ଇଣ୍ଡିଆନ କାଉନ୍ସିଲ ଅଫ୍ ମେଡିକାଲ ରିସର୍ଚ୍ଚ-ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ ଅଫ୍ ନ୍ୟୁଟ୍ରିସନ (ଆଇସିଏମଆର-ଏନଆଇଏନ) ମଧ୍ୟ ଭାରତୀୟଙ୍କ ପାଇଁ ଜାରି କରିଥିବା ଆହାର ମାର୍ଗଦର୍ଶିକାରେ ଉତମ ସ୍ୱାସ୍ଥ୍ୟ ପାଇଁ ଆଲମଣ୍ଡର ନିୟମିତ ସେବନ ପାଇଁ ପରାମର୍ଶ ଦେଇଛି। ପ୍ରତିଦିନ ଆଲମଣ୍ଡ ଖାଇବା ଦ୍ୱାରା ତାହା ଓଜନ ପରିଚାଳନା କରିବା, ହୃଦୟ ସ୍ୱାସ୍ଥ୍ୟ ଭଲ ରଖିବା ଓ ରକ୍ତ ସର୍କରା ସ୍ତର ନିୟନ୍ତ୍ରଣ କରିବାରେ ସାହାଯ୍ୟ କରିଥାଏ। ଆଲମଣ୍ଡର ଉପକାରିତା ସମ୍ପର୍କରେ ବଲିଉଡ ଅଭିନେତ୍ରୀ ସୋହା ଅଲୀ ଖାନ କହିଛନ୍ତି, 'ମୁଁ କିଛି ହାଲୁକା ଓ ପୋଷଣଯୁକ୍ତ କାଲିଫର୍ଣ୍ଣିଆ ଆଲମଣ୍ଡ ଖାଇବା ସହ ମୋ ସକାଳର ଆରମ୍ଭ କରିଥାଏ ଯାହା ମୋତେ ଅନେକ ସମୟ ପର୍ଯ୍ୟନ୍ତ ଶକ୍ତିସମ୍ପନ୍ନ ଓ ସନ୍ତୁଷ୍ଟ ରଖିଥାଏ। ଯାତ୍ରା ସମୟରେ ମଧ୍ୟ ମୁଁ କାଲିଫର୍ଣ୍ଣିଆ ଆଲମଣ୍ଡର ଏକ ଛୋଟ ବକ୍ସ ସବୁବେଳେ ମୋ ସହ ରଖିଥାଏ। ଏହା ଭୋକ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରେ ଓ ମୋର ପ୍ରତିଦିନର ପୋଷଣ ଆବଶ୍ୟକତାକୁ ପୂରା କରିଥାଏ। ଚଳିତ ଜାତୀୟ ପୋଷଣ ମାସରେ ମୁଁ ସମସ୍ତଙ୍କୁ ଆଲମଣ୍ଡ ଭଳି ପୋଷଣଯୁକ୍ତ ଖାଦ୍ୟ ସହ ନିଜର ଦିନ ଆରମ୍ଭ କରିବାକୁ ପ୍ରୋତ୍ସାହିତ କରୁଛି।' ସେହିପରି ଜାତୀୟ ପୋଷଣ ମାସ ସମ୍ପର୍କରେ ମତ ଦେଇ ଦିଲ୍ଲୀର ମ୍ୟାକ୍ସ ହେଲ୍‌ଥକେୟାର ଡାଏଟେଟିକ୍ସ ବିଭାଗର ଆଂଚଳିକ ମୁଖ୍ୟ ରିତିକା ସମାଦାର କହିଛନ୍ତି, ' ମୁଁ ଲୋକମାନଙ୍କୁ ନିଜ ସ୍ୱାସ୍ଥ୍ୟକୁ ଗୁରୁତ୍ୱ ଦେବା ଓ ସଚେତନ ଖାଦ୍ୟ ବିକଳ୍ପ ବାଛିବା ପାଇଁ ଅନୁରୋଧ କରୁଛି। ଲୋକମାନେ ନିଜର ନିୟମିତ ଖାଦ୍ୟରେ ଆଲମଣ୍ଡ ଭଳି ପୋଷଣଯୁକ୍ତ ଖାଦ୍ୟକୁ ଅନ୍ତର୍ଭୁକ୍ତ କରିବା ଜରୁରୀ ଅଟେ, କାରଣ ତାହା ଓଜନ ପରିଚାଳନା, କୋଲେଷ୍ଟ୍ରଲ ଓ ରକ୍ତ ସର୍କରା କମାଇବା ଓ ସୁସ୍ଥତା ବଢାଇବାରେ ସାହାଯ୍ୟ କରିଥାଏ।' ନ୍ୟୁଟ୍ରିସନ ଓ ୱେଲନେସ୍ କନ୍‌ସଲ୍‌ଟାଂଟ ଶୀଲା କ୍ରିଷ୍ଣାସ୍ୱାମୀ କହିଛନ୍ତି, '୧୫ଟି ଜରୁରୀ ପୋଷକତତ୍ୱରେ ଭରପୁର ଆଲମଣ୍ଡ ଭଳି ଖାଦ୍ୟକୁ ନିଜ ଆହାରରେ ସାମିଲ କରିବା ଦ୍ୱାରା ଲୋକମାନେ ଏକ ଭିନ୍ନତା ଆଣିପାରିବେ। ଆଇସିଏମଆର-ଏନଆଇଏନ ନିୟମିତ ଆଲମଣ୍ଡ ଖାଇବାକୁ ପରାମର୍ଶ ଦେଉଛି କାରଣ ଏହା ହୃଦୟ ଓ ଅନ୍ତନଳୀ ସ୍ୱାସ୍ଥ୍ୟରେ ସହଯୋଗ କରିଥାଏ , ଡାଇବେଟିସ ଓ ପ୍ରିଡାଇବେଟିସକୁ ନିୟନ୍ତ୍ରିତ ରଖିବାରେ ସାହାଯ୍ୟ କରିଥାଏ। ଆଲମଣ୍ଡ ଖାଇ ଦିନର ଆରମ୍ଭ କରିବା ଦ୍ୱାରା ତାହା ଆପଣଙ୍କୁ ସାରା ଦିନର ଶକ୍ତିସମ୍ପନ୍ନ ରଖିଥାଏ ଓ ଶରୀରର ପୋଷଣ ଆବଶ୍ୟକତା ପୂରଣ କରିଥାଏ।' ଆୟୁର୍ବେଦ ବିଶେଷଜ୍ଞ ମଧୁମିତା କ୍ରିଷ୍ଣନ କହିଛନ୍ତି, 'ଆୟୁର୍ବେଦରେ ଆଲମଣ୍ଡକୁ ଏକ ସାତ୍ତ୍ୱିକ ଖାଦ୍ୟ ଭାବେ ବିବେଚନା କରାଯାଏ ଯାହା ଭିଟାଇନ ଇ, ସୁସ୍ଥ ଫ୍ୟାଟ ଓ ଆଂଟିଅକ୍ସିଡାଂଟରେ ସମୃଦ୍ଧ ଅଟେ ଯାହା ତ୍ୱଚାକୁ ଭିତରୁ ପୋଷଣ ଯୋଗାଇଥାଏ। ସିଦ୍ଧ ଅଭ୍ୟାସ ମଧ୍ୟ ଶରୀରର ଦୁର୍ବଳତା ଦୂର କରିବା ପାଇଁ ଆଲମଣ୍ଡର ଚିକିତ୍ସକୀୟ ଭୂମିକାକୁ ସ୍ୱୀକୃତି ଦିଏ।'

## ବିଜେପି ନେତ୍ରୀଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ

### ଥାନାଧିକାରୀଙ୍କ ବିରୋଧରେ ଏସପିଙ୍କୁ ଅଭିଯୋଗ

କେନ୍ଦ୍ରାପଡ଼ା,(ପି.ଏନ): ବିଜେପି ନେତ୍ରୀ ପୂର୍ବତନ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଓ ପ୍ରାକ୍ତନ ରାଜ୍ୟ ମହିଳା ମୋର୍ଚ୍ଚା ଉପସଭାନେତ୍ରୀ ସୁଜାତା ବାରିକଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିବା ରାଜକନିକା ଥାନାଧିକାରୀ ସଞ୍ଜୟ ମଲ୍ଲିକଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ରାଜକନିକା ଅଞ୍ଚଳର କେତେକ ମହିଳା ଶୁକ୍ରବାର ଏସପିଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଥାନାଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଗଲେ ସେମାନେ ଏସପିଙ୍କ ଅଫିସ ସମ୍ମୁଖରେ ଆମରଣ ଅନଶନ କରିବେ ବୋଲି ଚେତାବନୀ ଦେଇଛନ୍ତି। ପେଗରପଡା ଗ୍ରାମର ସନ୍ଧ୍ୟାରାଣୀ ପଲାଇ ଓ ଝରଣା ମଲ୍ଲିକ ଅଭିଯୋଗରେ ଦର୍ଶାଇଛନ୍ତି ଯେ ଜଣେ ଅନୁସୂଚିତ ଜାତିର ମହିଳାଙ୍କୁ ଏହି ଅଞ୍ଚଳର କେତେକ ଲୋକ ହଇରାଣ ହରକତ କଲେ। ମହିଳା ଜଣକ ଏ ନେଇ ଥାନାରେ ଅଭିଯୋଗ କରିଥିଲେ। ମହିଳାଙ୍କ ସପକ୍ଷରେ ଜଣେ ଯୁବକ ସାକ୍ଷ୍ୟ ଦେଇଥିଲେ। ଅଭିଯୁକ୍ତମାନେ ସେହି ଯୁବକଙ୍କ ମୁଣ୍ଡ ଫଟାଇଦେଲେ। ତେଣୁ ମହିଳା ଜଣକ ବାଧହୋଇ ବିଜେପି ନେତ୍ରୀ ସୁଜାତା ବାରିକଙ୍କୁ ଜଣାଇଥିଲେ। ଏ ନେଇ ଶ୍ରୀମତୀ ବାରିକ ରାଜକନିକା ଥାନାଧିକାରୀଙ୍କୁ ପଚାରିବାରୁ ଥାନାଧିକାରୀ ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ଫଳରେ ଶ୍ରୀମତୀ ବାରିକ ଏ ନେଇ ଗୃହ ବିଭାଗ ସଚିବଙ୍କ ନିକଟରେ ଅଭିଯୋଗ କରିଥିଲେ। ଏହାକୁ ନେଇ ଗୃହ ବିଭାଗ ସଚିବ ପୋଲିସ ମହାନିର୍ଦ୍ଦେଶକଙ୍କୁ ରିପୋର୍ଟ ତଲବ କରିଥିଲେ। ପୋଲିସ ମହାନିର୍ଦ୍ଦେଶକ କେନ୍ଦ୍ରାପଡା ଏସପିଙ୍କୁ ଘଟଣାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ରିପୋର୍ଟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ବିଜେପିନେତ୍ରୀ ଶ୍ରୀମତୀ ବାରିକ ତାଙ୍କ ଅଭିଯୋଗପତ୍ରରେ ଦର୍ଶାଇଥିଲେ ଯେ ରାଜକନିକା ଥାନା ଅନ୍ତର୍ଗତ ପେଗରପଡା ଗ୍ରାମର ସ୍ୱର୍ଗତ ଋଷି ମଲିକଙ୍କ ପତ୍ନୀ ମଲ୍ଲି ମଲିକ ଜୁଲାଇମାସ ୨୫ତାରିଖ ମଧ୍ୟାହ୍ନ ୧୨ଟାରେ ତାଙ୍କ ଦୋକାନରୁ ଚୋରି ହୋଇଥିବା ନେଇ ରାଜକନିକା ଥାନାକୁ ଅଭିଯୋଗ କରିବାକୁ ଯାଇଥିବା ବେଳେ ଥାନାଧିକାରୀ ତାଙ୍କ ଠାରୁ ଅଭିଯୋଗ ରଖିନଥିଲେ। ପରନ୍ତୁ ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳି ଗୁଲଜ କରିବା ସହ ତାଙ୍କ ନାମରେ ମିଛ କେଶ କରି ହାଜତରେ ବାନ୍ଧି ପୁରାଇଦେବାକୁ ଧମକ ଦେଇଥିଲେ। ଏଥିସହିତ ଅଭିଯୋଗକାରୀଙ୍କ ସପକ୍ଷରେ ସାକ୍ଷୀ ଦେଇଥିବା ଅଶ୍ୱିନୀ ବାରିକଙ୍କୁ ମଧ୍ୟ ଗୁଣ୍ଡା ଲଗାଇ ଥାନାଧିକାରୀ ମାଡମାରି ମୁଣ୍ଡ ଫଟାଇଦେଇଥିଲେ ବୋଲି ସେ ଅଭିଯୋଗ କରିଥିଲେ। ଏହି ଅଭିଯୋଗ ପାଇବା ପରେ ରାଜକନିକାର ବିଜେପି ନେତ୍ରୀ ଶ୍ରୀମତୀ ବାରିକ ରାଜକନିକା ଥାନା ଅଧିକାରୀ ଶ୍ରୀ ମଲ୍ଲିକଙ୍କୁ ଟେଲିଫୋନ କରିଥିଲେ। କିନ୍ତୁ ଥାନାଧିକାରୀ ଶ୍ରୀ ମଲ୍ଲିକ ବିଜେପି ନେତ୍ରୀ ଶ୍ରୀମତୀ ବାରିକଙ୍କୁ ହଠାତ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ସେହି ସମୟର ପ୍ରମାଣ ସ୍ୱରୂପ ଥାନାର ସି.ସି. ଟିଭି ଫୁଟେଜକୁ ତଦନ୍ତ ପରିସରଭୁକ୍ତ କରିବାକୁ ଶ୍ରୀମତୀ ବାରିକ ଦାବି କରିଥିଲେ। କିନ୍ତୁ ଅଦ୍ୟାବଧି ସେହି ଅଭିଯୋଗ ଉପରେ ଆରକ୍ଷୀ ଅଧୀକ୍ଷକ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନଥିବାରୁ ଅଭିଯୋଗକାରୀ ପେଗରପଡା ଗ୍ରାମର ପିଡିତା ମହିଳା ଝରଣା ମଲ୍ଲିକ ଓ ସନ୍ଧ୍ୟାରାଣୀ ପଲାଇ ଶୁକ୍ରବାର ଆରକ୍ଷୀ ଅଧୀକ୍ଷକଙ୍କୁ ଏକ ଲିଖିତ ଅଭିଯୋଗ ପ୍ରଦାନ କରି ଜଣାଇଛନ୍ତି ଯେ ସେମାନଙ୍କୁ ଉପଯୁକ୍ତ ନ୍ୟାୟ ନମିଳିବାରୁ ସେମାନେ ବାଧହୋଇ ଆସନ୍ତା ୧୮ତାରିଖରେ ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନ କରିବେ। ଏସମ୍ପର୍କରେ ଆରକ୍ଷୀ ଅଧୀକ୍ଷକ ଶ୍ରୀ କଟ୍ଟାରିଆଙ୍କୁ ପଚାରିବାରେ ସେ କହିଥିଲେ ଯେ ଏହି ଘଟଣା ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଉଛି।




Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-7510 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-7515, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray